بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ଖଣ୍ଡ

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସଂଖ୍ୟା: ୨୨

ବାର୍ଷିକ ଦେୟ : ୬୦୦/-

www.badrqadian.in

18 ଜୁଲକାଦା 1444 ହି.କ, 8 ଏହସାନ୍ 1402 ହି.ଶ 8 ଜୁନ୍ 2023 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

وَرَحْمَتِيْ وَسِعَتْ كُلَّ شَيْءٍ فَسَاَكْتُبُهَا لِلَّذِيْنَ يَتَّقُوْنَ وَيُؤْتُوْنَ الزَّكٰوةَ وَالَّذِيْنَ هُمْ بِاٰيٰتِنَا يُؤْمِنُوْنَ

(ସୁରତୁଲ୍ ଆରାଫ୍-157)

ଆମ୍ଭର କରୁଣା ପ୍ରତ୍ୟେକ ବସ୍ତୁକୁ ଆବେଷ୍ଟିତ କରି ରଖିଛି। ସୁତରାଂ ଯେଉଁମାନେ ଧର୍ମ ପରାୟଣ ଅଟନ୍ତି ଓ ଜକାତ୍ ଦିଅନ୍ତି ଏବଂ ଯେଉଁମାନେ ଆମ୍ଭର ନିଦର୍ଶ ନଗୁଡ଼ିକ ଉପରେ ବିଶ୍ୱାସ କରନ୍ତି ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟାବାନ୍, ଦୀର୍ଘାୟୁ ତଥା ନିଜର ସକଳ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

# ନବୀ ସ.ଅଙ୍କ ବାଣୀ

## (ବିନମ୍ରତାପୂର୍ବକ କୌଣସି ବସ୍ତୁ ଆଶା କରିବା)

(2391) ହ. ହୁଜୈଫା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କୁ ଏହା କହୁଥିବାର ଶୁଣିଥିଲି ଯେ, ଆପଣ ସ.ଅ କହୁଥିଲେ ଯେ, ଜଣେ ବ୍ୟକ୍ତିର ବିୟୋଗ ହୋଇଗଲା ଓ ଯେତେବେଳେ ଉକ୍ତ ବ୍ୟକ୍ତି ଜଣକୁ ଏହା ପଚରାଗଲା ଯେ, ତୁମେ ମର୍ତ୍ତ୍ୟାଲୋକର କଣ କରୁଥିଲ ? ତେବେ ଉକ୍ତ ବ୍ୟକ୍ତି ଜଣକ ଉତ୍ତର ଦେଲା ଯେ, ମୁଁ ଲୋକମାନଙ୍କ ସହିତ ବାଣିଜ୍ୟ ବ୍ୟବସାୟ କରୁଥିଲି ଏବଂ ସେମାନଙ୍କୁ ମୁଁ ଋଣ ପ୍ରଦାନ କରୁଥିଲି । ମୁଁ ଧନୀକ ବ୍ୟକ୍ତିମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ଋଣ ପରିଶୋଧ ନିମନ୍ତେ ସମୟ ଦେଉଥିଲି ଓ ଅଭାବି ବ୍ୟକ୍ତିମାନଙ୍କୁ କ୍ଷମା ପ୍ରଦାନ କରୁଥିଲି । ଅତଃ ଅଲ୍ଲାଃତାଲା ଉକ୍ତେ ବ୍ୟକ୍ତି ଜଣକୁ କ୍ଷମା ପ୍ରଦାନ କରିଦେଲେ ।

ସେହିପରି ହ. ଅବୁ ମସଉଦ୍ ର.ଅ କହିଲେ, ମୁଁ ମଧ ଉକ୍ତ ହଦିସ୍‌ଟି ଆଁହଜରତ ସ.ଅଙ୍କ ଠାରୁ ଶୁଣିଛି । ଅର୍ଥାତ ଉତ୍ତମ ଲୋକମାନେ ନିଜର ଋଣକୁ ଭଲ ଭାବରେ ଓ ଯଥା ସମୟରେ ପରିଶୋଧ କରିଥାନ୍ତି ।

(2392) ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି, ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଆଁହଜରତ ସ.ଅଙ୍କୁ ଓଟ ମାଗିଲା। ଅଲ୍ଲାଃତାଲାଙ୍କ ବାର୍ତ୍ତାବହ କହିଲେ, ହେ ସାହାବାଗଣ ! ଉକ୍ତ ବ୍ୟକ୍ତିଟିକୁ ଓଟ ଦେଇ ଦିଅ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଉକ୍ତ ବ୍ୟକ୍ତି ଜଣକ ନିକଟରେ ଥିବା ଓଟ ଠାରୁ ଆମ ନିକଟରେ ଅଧିକ ବୟସ୍କ ଓଟ ଅଛନ୍ତି । ଉକ୍ତ ବ୍ୟକ୍ତି ଜଣକ କହିଲା: ଆପଣ ମୋତେ ବଦାନ୍ୟ ହୋଇ ଅଧିକ ପ୍ରଦାନ କରନ୍ତୁ । ରସୁଲୁଲ୍ଲାଃ ସ.ଅ କହିଲେ, ଉକ୍ତ ବ୍ୟକ୍ତିକୁ ସେହି ବଡ଼ ତଥା ବୟସ୍କ ଓଟଟି ପ୍ରଦାନ କରିଦିଅ । କାରଣ ସେହି ଲୋକମାନେ ଉତ୍ତମ ଅଟନ୍ତି ଯେଉଁମାନେ ନିଜର ଋଣକୁ ଭଲ ଭାବରେ ପରିଶୋଧ କରିଥାନ୍ତି ।

**(ସହୀ ବୁଖାରୀ ଭାଗ ୪, କିତାବୁଲ୍ ଇସ୍ତିକରାଜ୍, ପ୍ରକାଶିତ ସ୍ଥାନ-୨୦୦୮ ମସିହା, କାଦିଆନ୍)**

ଯେଉଁ ବ୍ୟକ୍ତି ମୋ ଜମାଅତ୍‌ରେ ରହି ମୋ ଇଚ୍ଛା ମୁତାବକ କାର୍ଯ୍ୟ ନକରେ ଅର୍ଥାତ ନିୟମ ବିରୁଦ୍ଧୀୟ କାର୍ଯ୍ୟ କରେ ତେବେ ଉକ୍ତ ବ୍ୟକ୍ତି ଜଣକ ବୃକ୍ଷର ଶୁଷ୍କ ଶାଖା ସଦୃଶ ।

## (ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ)

ମୁଁ ଏକ ଅଭିଲେଖ ପୁସ୍ତକ ପ୍ରସ୍ତୁତ କରିବାକୁ ଯାଉଛି ଏବଂ ତହିଁରେ ଏଭଳିଆ ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ ନକରାଯାଉ ଅର୍ଥାତ ସେମାନଙ୍କୁ ପୃଥକ କରିଦିଆଯାଉ ଯେଉଁମାନେ ନିଜର ଆବେଗକୁ ନିୟନ୍ତ୍ରଣାଧୀନ କରି ରଖି ପାରନ୍ତି ନାହିଁ । ସାମାନ୍ୟ କଥାକୁ କେନ୍ଦ୍ର କରି ପରସ୍ପର ମଧ୍ୟରେ ବଚସା ହୋଇଥାଏ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି କହେ ଯେ, ଅମକ କୁହୁକ ବିଦ୍ୟା ପ୍ରଦର୍ଶନକାରୀ ବ୍ୟକ୍ତି ଜଣକ ଦଶ ମିଟର ଲମ୍ଫ ମାରିଲା । ଦ୍ୱିତୀୟ ବ୍ୟକ୍ତି ଜଣକ ପ୍ରଥମ ବ୍ୟକ୍ତି ସହିତ ବିତର୍କ କରିବାକୁ ଲାଗେ । ଏହିପରି ଭାବରେ ବିଦ୍ୱେଷର ଅସ୍ତିତ୍ୱ ସୃଷ୍ଟି ହୋଇଯାଇଥାଏ । ମନେରଖ ବିଦ୍ୱେଷାଭାବ ଠାରୁ ପୃଥକ ରହିବା ମେହଦୀର (ନେତା)ର ଲକ୍ଷଣ ଅଟେ । ତେବେ କ'ଣ ସେହି ନିଦର୍ଶନଟି ପୂର୍ଣ୍ଣ ହେବ ନାହିଁ ? ଅବଶ୍ୟ ପୂର୍ଣ୍ଣ ହେବ । ତୁମେମାନେ କାହିଁକି ଧୈର୍ଯ୍ୟ ଧରୁ ନାହିଁ । ଯେପରି ଔଷଧୀୟ ଉପଚାର ସଂପର୍କିତ ସମସ୍ୟା ରହିଛି । କେତେକ କ୍ଷେତ୍ରରେ ଯେପର୍ଯ୍ୟନ୍ତ ରୋଗକୁ ସଂପୂର୍ଣ୍ଣ ରୂପେ ଚିକିତ୍ସା କରାଯାଇ ନାହିଁ ସେପର୍ଯ୍ୟନ୍ତ ରୋଗ ଆଦୌ ଭଲ ହେବ ନାହିଁ ବା ରୋଗରୁ ଉପଶମ ମିଳିବ ନାହିଁ । ମୋ ଅସ୍ତିତ୍ୱର **ଇନ୍‌ଶାଅଲ୍ଲାଃ** ଏକ ପୁଣ୍ୟବାନ ଜମାଅତ୍ ସୃଷ୍ଟି ହେବ । ପାରସ୍ପାରିକ ଶତ୍ରୁତାର ମୂଳ କାରଣଗୁଡ଼ିକ ହେଲା- କୃପଣତା, ଗର୍ବ ଓ ଅହଂକାର ତଥା ବ୍ୟକ୍ତିଗତ ଆବେଗିକତା ଇତ୍ୟାଦି । ଯେପରିକି ମୁଁ ଉପରୋକ୍ତରେ ବର୍ଣ୍ଣନା କଲି ଯେ, ମୁଁ ଖୁବଶୀଘ୍ର ଏକ ପୁସ୍ତକ ଲେଖିବି ଓ ଏପରି ସମସ୍ତ ଲୋକମାନଙ୍କୁ ଜମାଅତ୍ ଠାରୁ ପୃଥକ କରିଦେବି ଯେଉଁମାନେ ନିଜର ଆବେଗକୁ ନିୟନ୍ତ୍ରଣାଧୀନ କରି ରଖି ପାରନ୍ତି ନାହିଁ ଓ ପରସ୍ପର ମଧ୍ୟରେ ପ୍ରେମ ଓ ଭ୍ରାତୃତ୍ୱତା ପୂର୍ଣ୍ଣ ଜୀବନ ଯାପନ କରି ପାରନ୍ତି ନାହିଁ । ସୁତରାଂ ଯେଉଁମାନେ ଏହିଭଳି ସ୍ୱଭାବର ଅଧିକାରୀ ଅଟନ୍ତି ତେବେ ସେମାନେ ମନେରଖନ୍ତୁ ଯେ, ସେମାନେ ଖୁବ ସ୍ୱଳ୍ପ ସମୟର ଅତିଥି ଅଟନ୍ତି । ଯେପର୍ଯ୍ୟନ୍ତ ଜମାଅତ୍‌ର ସଦସ୍ୟେବୃନ୍ଦ ଉତ୍ତମ ଆଚରଣ ପ୍ରଦର୍ଶନ କରି ନାହାନ୍ତି ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଯୋଗୁଁ କେହି ଦୋଷୀ ହୋଇପାରିବ ନାହିଁ । ଏଭଳି ଜଣେ ବ୍ୟକ୍ତି ଯିଏ ମୋ ସଂପ୍ରଦାୟରେ ସଂଶ୍ଳୀଷ୍ଟ ହୋଇ ମୋ ଇଚ୍ଛା ବିରୁଦ୍ଧୀୟ କାର୍ଯ୍ୟକଳାପ କରିଥାଏ, ତେବେ ସେହି ବ୍ୟକ୍ତି ଜଣକ ବୃକ୍ଷରେ ଥିବା ଶୁଷ୍କ ଶାଖା ବା ଡାଳ ସଦୃଶ ଅଟେ । ଉକ୍ତ ଶୁଷ୍କ ଡ଼ାଳଟିକୁ ଯଦି ମାଳୀ ନକାଟିବ ତେବେ ଆଉ କ'ଣ ବା କରିବ ? ଶୁଷ୍କ ଡ଼ାଳଟି ଅନ୍ୟ ସବୁଜ ଡ଼ାଳ ସହିତ ରହି ଜଳ ତ' ଶୋଷିଥାଏ କିନ୍ତୁ ଶୁଷ୍କ ଡ଼ାଳଟି ନିଜକୁ ସବୁଜ ଡାଳରେ କଦାପି ପରିଣତ କରିପାରି ନଥାଏ । ବରଂ ତାହା ଅନ୍ୟ ଡାଳଗୁଡ଼ିକୁ ମଧ୍ୟ ଶୁଷ୍କ କରିଦେଇଥାଏ। ଅତଏବ ଯେଉଁ ବ୍ୟକ୍ତି ନିଜର ଉପଚାର ଓ ଚିକିତ୍ସା କରିଦେଇ ନାହିଁ ସେହି ବ୍ୟକ୍ତି କଦାପି ମୋ ସହିତ ସଂଶ୍ଳୀଷ୍ଟ ହୋଇ ରହିପାରି ନାହିଁ ।

(ମଲଫୁଜାତ, ଭାଗ-୧, ପୃ-୪୫୮,ପ୍ରକାଶ ସ୍ଥାନ-କାଦିୟାନ, ୨୦୦୮ ମସିହା)

କେତେକ ଅଭିଭାବକମାନେ କୃପଣତା ଯୋଗୁଁ ନିଜର ସନ୍ତାନମନଙ୍କୁ ପୂର୍ଣ୍ଣ ଆହାର ଦେଉ ନାହାନ୍ତି ଅବା ସେହିଭଳି ପୌଷ୍ଟିକ ଆହାର ଦେଉ ନାହାନ୍ତି ଯାହାକି ସେମାନଙ୍କର ବିକାଶ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ଅଟେ । ସେହିପରି ସେହି ଅଭିଭାବକମାନେ ନିଜର ସନ୍ତାନମାନଙ୍କୁ ବସ୍ତ୍ର ମଧ ଦେଉ ନାହାନ୍ତି, ସେମାନଙ୍କ ପ୍ରତି ଏହିଭଳି ବ୍ୟବହାର ପ୍ରଦର୍ଶନ କରିବା ସେମାନଙ୍କୁ ହତ୍ୟା କରିବା ବିରୁଦ୍ଧୀୟ ଅଟେ ।

କେତେକ ଅଭିଭାବକମାନେ ଟଙ୍କା ପଇସା ଖର୍ଚ୍ଚ ଭୟରେ ନିଜର ସନ୍ତାନମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରି ନଥାନ୍ତି, ଫଳତଃ ସନ୍ତାନର ଚାରିତ୍ରିକ ଓ

ଆାଧ୍ୟାତ୍ମିକ ମୃତ୍ୟୁର କାରଣ ସାଜନ୍ତି ।

ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ଉପଦେଶ ଦେଇ କୁହନ୍ତି ଯେ, ସେହି ଖର୍ଚ୍ଚ ଯାହା ସନ୍ତାନମାନଙ୍କର ସ୍ୱାସ୍ଥ୍ୟ ଓ ଚାରିତ୍ରିକ ଶୃଙ୍ଖଳା ନିମନ୍ତେ ନିହାତି ଆବଶ୍ୟକ ତହିଁରେ ଆପଣମାନେ କେବେହେଲେ ଅବହେଳା ପ୍ରଦର୍ଶନ କରନ୍ତୁ ନାହିଁ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାଃ ବନି ଇସ୍ରାଇଲ୍‌ର ଆୟତ୍ ସଂଖ୍ୟା ୩୨ରେ କୁହନ୍ତି **"ଏବଂ ତୁମେମାନେ ଦାରିଦ୍ର୍ୟ ଭୟରେ ନିଜ ସନ୍ତାନମାନଙ୍କୁ ହତ୍ୟା କର ନାହିଁ; କାରଣ ଆମ୍ଭେ ହିଁ ସେମାନଙ୍କୁ ଓ ତୁମମାନଙ୍କୁ ଜୀବିକା ପ୍ରଦାନ କରିଥାଉ । ସେମାନଙ୍କୁ ହତ୍ୟା କରିବା ମହା ପାପ।"** ହୁଜୁର ଅନୱର୍ ଅ.ବ କହିଲେ ଉକ୍ତ ଆଦେଶାବଳୀଟି କେବଳ କନ୍ୟା ସନ୍ତାନମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । କାରଣ ପବିତ୍ର କୁରଆନ୍‌ରେ କନ୍ୟା ସନ୍ତାନ ହତ୍ୟା ସଂକ୍ରାନ୍ତରେ କୌଣସି ସ୍ଥଳରେ ଏହି କାରଣ ବର୍ଣ୍ଣିତ ହୋଇ ନାହିଁ ଯେ, ଲୋକମାନେ ଖର୍ଚ୍ଚ ଭୟରେ ସେମାନଙ୍କୁ ହତ୍ୟା କରିଦେଇ ଥାଆନ୍ତି । ତାହା ନୁହେଁ ବରଂ ଏହି କାରଣ ଦର୍ଶାଇ ଦିଆଯାଇଛି କନ୍ୟା ସନ୍ତାନମାନଙ୍କର ଜନ୍ମକୁ ନିଜ ପାଇଁ ତିରସ୍କାରର କାରଣ ବୋଲି ମନେ କରିଥାଆନ୍ତି । ଅତଃ ଲୋକମାନେ ନିଜର କନ୍ୟା ସନ୍ତାନଙ୍କୁ ହତ୍ୟା କରିଦେଇ ଥାଆନ୍ତି । ସେହିପରି ଉକ୍ତ ଆୟତ୍‌ର ଏହି ଅର୍ଥ ମଧ୍ୟ ହୋଇ ପାରିବ ନାହିଁ ଯେ, ଦାରିଦ୍ର୍ୟତା, ଅଭାବ ଓ ଅନଟନ ଯୋଗୁଁ ନିଜର ସନ୍ତାନମାନଙ୍କୁ ହତ୍ୟା କର ନାହିଁ । କାରଣ ଆମ୍ଭେ ହିଁ ତୁମମାନଙ୍କୁ ଜୀବିକା ପ୍ରଦାନ କରିଥାଉ । କାରଣ ଅର୍ଥ ବ୍ୟୟ ହୋଇଯିବାର ଅର୍ଥ ଦାରିଦ୍ର୍ୟତା ଓ ଅଭାବ ତଥା ଅନଟନ ନୁହେଁ । ବରଂ ଏହାର ଅର୍ଥ ଏହା ଯେ, ତୁମେମାନେ ନିଜର ସନ୍ତାନମାନଙ୍କୁ ଅର୍ଥ ବ୍ୟୟ ହୋଇଯିବା ଭୟରେ ହତ୍ୟା କର ନାହିଁ ।

ଏଠାରେ ଏହି ପ୍ରଶ୍ନବାଚୀ ସୃଷ୍ଟି ହୁଏ ଯେ, କ'ଣ କୌଣସି ବ୍ୟକ୍ତି ଟଙ୍କା ପଇସା ଖର୍ଚ୍ଚ ହୋଇଯିବା ଭୟରେ ନିଜର ସନ୍ତାନମାନଙ୍କୁ ହତ୍ୟା କରିପାରିବ କି ? ସୁତରାଂ ଯେଉଁଠି ସାଂସାରକିତାର ଅଭିଜ୍ଞତା ରହିଛି ସେଠାରେ ଏହି ଧରଣର ଘଟଣାବଳୀ ସୁମସ୍ତିଷ୍କଧାରୀ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଆଦୌ ଦେଖିବାକୁ ମିଳେ ନାହିଁ । ବରଂ ଆମେମାନେ ଆମେମାନେ ଏହା ଅବଲୋକନ କରିଥାଉ ଯେ, ସେହି ଲୋକମାନେ ଯେଉଁମାନଙ୍କ ନିକଟରେ ଅର୍ଥ ନାହିଁ ସେମାନେ ନିଜର ସନ୍ତାନମାନଙ୍କୁ ଆଦୌ ହତ୍ୟା କରନ୍ତି ନାହିଁ । ସୁତରାଂ ତହିଁରୁ ଏହା ଜ୍ଞାତ ହେଲା ଯେ, ଉକ୍ତ ହତ୍ୟାର ଅନ୍ୟ ଏକ ଅର୍ଥ ମଧ୍ୟ ରହିଛି ଏବଂ ଆମମାନଙ୍କୁ ମନୁଷ୍ୟ ମଧ୍ୟରେ ଉକ୍ତ ଦୋଷକୁ ସନ୍ଧାନ କରିବା ଉଚିତ । ସୁତରାଂ ଆମେମାନେ ଯେତେବେଳେ ମନୁଷ୍ୟମାନଙ୍କର ବିଭିନ୍ନ ଅବସ୍ଥାକୁ ଅବଲୋକନ କରୁ ସେତେବେଳେ ଆମମାନଙ୍କୁ ଏହା ଜ୍ଞାତ ହୁଏ ଯେ, କେତେକ ଲୋକମାନେ କୃପଣତା ଯୋଗୁଁ ନିଜ ସନ୍ତାନମାନଙ୍କର ସଠିକ୍ ରୂପେ ସଂସ୍କାର କରନ୍ତି ନାହିଁ। ସନ୍ତାନମାନଙ୍କୁ ସଂପୂର୍ଣ୍ଣ ଆହାର ଦିଅନ୍ତି ନାହିଁ କିମ୍ବା ଏହି ପ୍ରକାରର ପୌଷ୍ଟିକ ଆହାର ଖାଇବାକୁ ଦେଉ ନାହାନ୍ତି ଯାହାକି ସେମାନଙ୍କ ଅଭିବୃଦ୍ଧିରେ ସହାୟକ ହେବ । ଏହି ପ୍ରକାରର କୃପଣ ବ୍ୟକ୍ତି ନିଃସନ୍ଦେହ କୁବୁଦ୍ଧି ବ୍ୟକ୍ତିମାନଙ୍କ କ୍ଷେତ୍ରରେ ହିଁ ଦେଖିବାକୁ ମିଳନ୍ତି ଯେଉଁମାନେ ବିଷ କିମ୍ବା ତଣ୍ଟି ଚିପି ନିଜର ସନ୍ତାନମାନଙ୍କର ହତ୍ୟା କରି ଦେଇଥାଆନ୍ତି । ଅର୍ଥାତ ସେମାନଙ୍କର ବିଚାରରେ ଯେ, ଆମ ସନ୍ତାନମାନଙ୍କ ଉପରେ ଆମର ଅଯଥାରେ ଅର୍ଥା ଖର୍ଚ୍ଚ ହୋଇଯିବ । କିନ୍ତୁ ଏହି ପ୍ରକାରର ସାଧାରଣ କୃପଣ ବ୍ୟକ୍ତି ସୁମସ୍ତିଷ୍କ ଥିବା ବ୍ୟକ୍ତିମାନେ ଅନେକାଂଶରେ ଓ ଅନେକ କ୍ଷେତ୍ରରେ ଦେଖିବାକୁ ମିଳିଯାନ୍ତି ଯେ, ସେମାନଙ୍କ ନିକଟରେ ଟଙ୍କା ପଇସା ତ' ରହିଛି କିନ୍ତୁ ସନ୍ତାନମାନଙ୍କୁ କୃପଣତା ଯୋଗୁଁ ସଠିକ୍ ପୌଷ୍ଟିକ ଯୁକ୍ତ ଆହାର ଦିଅନ୍ତି ନାହିଁ । ଏହି ସ୍ୱଭାବର ଅଭିଭାବକମାନେ ପରିଧାନ ନିମନ୍ତେ ନିଜର ସନ୍ତାନମାନଙ୍କୁ ଉପଯୁକ୍ତ ବସ୍ତ୍ର ମଧ୍ୟ ଦିଅନ୍ତି ନାହିଁ । ଏପର୍ଯ୍ୟନ୍ତକି ସେମାନଙ୍କର ସନ୍ତାନମାନେ କେତେବେଳେ କୁପୋଷଣର ଶିକାର ହୋଇ ନାନା ରୋଗରେ ଆକ୍ରାନ୍ତ ହୋଇ ଥାଆନ୍ତି । ତ' ଆଉ କେତେବେଳେ ବସ୍ତ୍ର ଅଭାବ ହେତୁ ନିମୋନିଆ (ଫୁସଫୁସ୍ ପ୍ରଦାହ) ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ପୃଥିବୀରେ ଏହି ପ୍ରକାରର ଲୋକ ଲକ୍ଷାଧିକ ସଂଖ୍ୟାରେ ମିଳିଯିବେ ଏବଂ ପ୍ରତ୍ୟେକ ଦେଶରେ ଦେଖିବାକୁ ମିଳନ୍ତି। ସେହିପରି ସନ୍ତାନମାନଙ୍କର ହତ୍ୟା କହିଲେ ଚାରିତ୍ରିକ ଓ ଆଧ୍ୟାତ୍ମିକ ହତ୍ୟା ମଧ୍ୟ ବୁଝାଏ । ଯେପରିକି ଅଭିଭାବକମାନେ ଅର୍ଥାଭାବରୁ ଓ ଅର୍ଥ ବ୍ୟୟ ହୋଇଯିବା ଭୟରେ ନିଜର ସନ୍ତାନମାନଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ କରିପାରି ନଥାଆନ୍ତି । ଫଳତଃ ସେମାନଙ୍କର ସନ୍ତାନମାନେ ଚାରିତ୍ରକ ଓ ଆଧ୍ୟାତ୍ମିକ ମୃତ୍ୟୁର କାରଣ ସାଜନ୍ତି । ଉକ୍ତ ଆୟତ୍‌ରେ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ଉପଦେଶ ଦେଇ କୁହନ୍ତି ଯେ, ହେ ବିଶ୍ୱାସକାରୀମାନେ ! ତୁମେମାନେ ଏହି ପ୍ରକାରର କୁକାର୍ଯ୍ୟରୁ ନିବୃତ୍ତ ରୁହ ଓ ତୁମମାନଙ୍କର ସନ୍ତାନମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ଆହାର ଓ ଚାରିତ୍ରିକ ତଥା ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଯେଉଁ ଅର୍ଥ ଖର୍ଚ୍ଚ କରିବା ଆବଶ୍ୟକୀୟ ତହିଁରେ କେବେହେଲେ ଅବହେଳା ପ୍ରଦର୍ଶ କର ନାହିଁ । ପବିତ୍ର କୁରଆନ୍‌ରେ **"ହତ୍ୟା"** ଶବ୍ଦଟି ଏଇଥି ପାଇଁ ବ୍ୟବହୃତ ହୋଇଛି ଯେ, ମନୁଷ୍ୟ ସ୍ୱାଭାବିକ ରୂପେ ନିଜର ସନ୍ତାନକୁ ହତ୍ୟା କରିବାକୁ ଘୃଣା କରିଥାଏ । ଅତଏବ୍ ଅଲ୍ଲାଃତାଲା ଉକ୍ତ ଶବ୍ଦଟି ପ୍ରୟୋଗ କରି ମନୁଷ୍ୟର ଏହି ଦିଗ ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ଯେ, ହେ ମନୁଷ୍ୟ ! ତୁମେମାନେ ଯେକୌଣସି ପରିସ୍ଥିତିରେ ହେଉ ନା କାହିଁକି ସ୍ୱହସ୍ତରେ ନିଜର ସନ୍ତାନମାନଙ୍କୁ ହତ୍ୟା କରିବାକୁ ପ୍ରସ୍ତୁତ ହୋଇ ନଥାଅ । କିନ୍ତୁ ତୁମେମାନେ ଏହା ଭାବ ନାହଁ ଯେ, ଅନ୍ୟ ଏକ ପ୍ରକାରର ହତ୍ୟା କରି ତୁମେମାନେ ପାପୀ ତଥା ଅପରାଧୀ ବିବେଚିତ ହୋଇଥାଅ ଏବଂ ତାହା ଏହିପରି ଯେ, ତୁମେମାନେ ନିଜର ସନ୍ତାମାନଙ୍କୁ ସଠିକ୍ ପୌଷ୍ଟିକଯୁକ୍ତ ଖାଦ୍ୟ ବା ଆହାର ଓ ବସ୍ତ୍ର ପ୍ରତି ଧ୍ୟାନ ଦେଉ ନାହଁ ଏବଂ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାକୁ ବରବାଦ କରି ଦେଇଥାଅ ଅବା ସେମାନଙ୍କ ସଂସ୍କାର ପ୍ରତି ସଚେତନ ନହୋଇ ସଂସ୍କାର କରିବାରେ ଅବହେଳା ପ୍ରଦର୍ଶନ କରିଥାଅ । ତତ୍‌ସହିତ ତୁମେମାନେ ସେମାନଙ୍କର ଚାରିତ୍ରିକ ଓ ଆଧ୍ୟାତ୍ମିକ ଅବସ୍ଥାକୁ ମଧ୍ୟ ବରବାଦ କରିଦେଇଥାଅ ।

**(ତଫସିର୍ କବୀର୍ ଭାଗ-୪, ପୃ-୩୨୬, ପ୍ରକାଶ ସ୍ଥାନ- କାଦିଆନ୍ ୨୦୧୦ ମସିହା)**

**(ଗତ ଶୁମାରାର ବିଷୟବସ୍ତୁ ଖିଲାଫତ୍ ଅମନ୍ କା ହିସାରର ଅବଶିଷ୍ଟାଂଶ)**

ହ. ହରସ୍ ଅଶଅରୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଅଲ୍ଲାଃତାଲା ହ. ୟହ୍‌ଦା ବିନ୍ ଜକରିୟା ଅ.ସଙ୍କୁ ପାଞ୍ଚଟି କଥା କହିବାର ଆଦେଶ ଦିଆଯାଇଥିଲା ........ ଓ ମୁଁ ମଧ୍ୟ ତୁମମାନଙ୍କୁ ସେହି ପାଞ୍ଚଟି କଥା ପାଳନ କରିବା ପାଇଁ ଆଦେଶ ଦେଉଅଛି ଯେଉଁ ପାଞ୍ଚଟି ଆଦେଶ ପାଳନ କରିବା ପାଇଁ ଅଲ୍ଲାଃତାଲା ମୋତେ ଆଦେଶ ଦେଇଥିଲେ । (୧) ଜମାଅତ୍ ସହିତ ସଂଶ୍ଳୀଷ୍ଟଟ ରୁହ (୨) ଇମାମେ ୱକ୍ତ୍ (ସମୟର ଧର୍ମାଧ୍ୟକ୍ଷ)ଙ୍କ କଥା ଶୁଣ (୩) ଧର୍ମଧ୍ୟକ୍ଷଙ୍କ ଆଜ୍ଞା ପାଳନ କର (୪) ଧର୍ମ ସକାଶେ ଯଦି ନିଜର ଭିଟାମାଟିକୁ ବି ଛାଡ଼ିବାକୁ ପଡ଼େ ତେବେ ଛାଡ଼ିଦିଅ (୫) ଅଲ୍ଲାତାଲାଙ୍କ ମାର୍ଗରେ ଜିହାଦ୍ କର । ଅତଃ ଯେଉଁ ବ୍ୟକ୍ତି ଜମାଅତ୍ ଠାରୁ କିଞ୍ଚିତ୍ ମାତ୍ର ପୃଥକ ହୁଏ ତେବେ ସେ ଯେପରି ନିଜକୁ ଇସ୍‌ଲାମ୍ ଧର୍ମରୁ ମୁକ୍ତ କରାଇ ନେଲା । କିନ୍ତୁ ଯଦିଚ ସେ ପୁନଃ ନିଜକୁ ଜମାଅତ୍‌ରେ ସଂଶ୍ଳୀଷ୍ଟ କରାଇ ନେଉ । ସେହିପରି ଯେଉଁ ବ୍ୟକ୍ତି ନିରକ୍ଷରତା ଆଡ଼କୁ ଆମନ୍ତ୍ରିତ କରେ ସେ ନର୍କର ଇନ୍ଧନ ସଦୃଶ। ସାହାବାମାନେ କହିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଯଦି ସେହି ବ୍ୟକ୍ତି ନମାଜ ପାଠ କରୁଥିବ ଓ ଓଷା ମଧ୍ୟ ରଖୁଥାଉ ପଛେ । ଆପଣ ସ.ଅ କହିଲେ, ସେ ନମାଜ ପାଠ କରୁଥାଉ ପଛେ ଓ ଓଷା ମଧ୍ୟ ରଖୁଥାଉ ପଛେ ଏବଂ ନିଜକୁ ସେ ମୁସଲମାନ ବୋଲି ମନେକରୁ ପଛେ । କିନ୍ତୁ ହେ ମହିମାମୟ ପ୍ରଭୁଙ୍କ ଭକ୍ତଗଣ ! ଏକଥା ସ୍ମରଣ ରଖ ଯେ, (ଏହିଭଳି ପରିସ୍ଥିତି ସତ୍ତ୍ୱେ) ଯେଉଁ ଲୋକମାନେ ନିଜକୁ ମୁସଲମାନେ ବୋଲାଉଛନ୍ତି ତୁମେ ମଧ୍ୟ ସେମାନଙ୍କୁ ମୁସଲମାନ କୁହ । କାରଣ ଅଲ୍ଲାଃତାଲା (ଚିହ୍ନଟ ସରାଏର୍‌କୁ ତୁମେମାନେ ଈଶ୍ୱରଙ୍କୁ ହସ୍ତାନ୍ତର କରିଦିଅ)

ସୁତରାଂ ଉପରୋକ୍ତ ହଦିସ୍‌ରୁ ଏହା ଅନୁମିତ ହୁଏ ଯେ, ଇମାମ୍‌ଙ୍କ ସହିତ ସଂଶ୍ଳୀଷ୍ଟ ରହିବା ଓ ଜମାଅତ୍ ସହିତ ସଂଶ୍ଳୀଷ୍ଟ ରହିବା ଫଳରେ କିପରି ଆମର ପ୍ରିୟ ମୁନିବ ସୟେଦିନା ହ. ମୁହମ୍ମଦ ସ.ଅ ତାଗିଦ୍ କରିଛନ୍ତି । ଏପର୍ଯ୍ୟନ୍ତକି ଆଁହଜରତ ସ.ଅ ଏହି ତାଗିଦ୍ ମଧ୍ୟ କରିଛନ୍ତି ଯେ, ଯଦି ତୁମ ପ୍ରତି ଅନ୍ୟାୟ, ଅତ୍ୟାଚାର ଓ ଅବିଚାର ହୁଏ ତେବେ ମଧ୍ୟ ତୁମେ ଜମାଅତ୍ ସହିତ ରହିବ ଏବଂ ତୁମେ ଜମାଅତ୍ ଠାରୁ କେବେ ପୃଥକ ହେବ ନାହିଁ । ଅଲ୍ଲାଃତାଲା ଆମର ମୁସଲମାନ ଭାଇମାନମଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ସେମାନେ ଖିଲାଫତେ ଅହମଦିୟା ସହିତ ଓ ଜମାଅତ୍ ଅହେମଦିୟା ସହିତ ସଂଶ୍ଳୀଷ୍ଟ ହୋଇ ନିଜର ଶେଷ ପରିଣତିକୁ ସୁଧାରି ନିଅନ୍ତୁ । ଏହି ହଦିସ୍ ସେହି ଅହେମଦିମାନଙ୍କ ସକାଶେ ମଧ୍ୟ ଉଦ୍ଦିଷ୍ଟ ଯେଉଁମାନେ ରୁଷ୍ଟ ହୋଇ ଜମାଅତ୍‌ର ବ୍ୟବସ୍ଥା ଠାରୁ ପୃଥଖ ହୋଇ ଯାଆନ୍ତି ଏବଂ ନିଜର ଇହକାଳ ଓ ପରକାଳକୁ ଖରାପ କରି ଦେଇଥାଆନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ପ୍ରତ୍ୟେକ ପରିସ୍ଥିତି ଓ ପ୍ରତ୍ୟେକ ଅବସ୍ଥାରେ ଜମାଅତ୍ ସହିତ ସଂଶ୍ଳୀଷ୍ଟ ରହିବା ଓ ଖିଲାଫତର ମନ ପ୍ରାଣ ଦେଇ ଆଜ୍ଞା ପାଳନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ ।

# (ଖୁତବା ଜୁମା)

**ଆର୍ଥିକ ବଳିଦାକାରୀଙ୍କୁ ନିଜର ଆଧ୍ୟାତ୍ମିକ ଅବସ୍ଥା ଆଡ଼କୁ ମଧ୍ୟ ଧ୍ୟାନ ଦେବା ପ୍ରତି ବହୁତ ଆବଶ୍ୟକ ରହିଛି । ତେବେଯାଇ ଆମେମାନେ ଅଲ୍ଲାଃତାଲାଙ୍କର ପ୍ରକୃତ ପୁରସ୍କାରର ଅଧିକାରୀ ହୋଇପାରିବୁ ।**

**ତେହ୍‌ରିକେ ଜଦିଦ୍‌ର ୮୮ ତମ ବର୍ଷର ସଫଳ ତଥା କଲ୍ୟାଣମୟ ବର୍ଷର ପୂର୍ତ୍ତି, ୮୯ ତମ ବର୍ଷର ଶୁଭାରମ୍ଭ ଓ ତାହାର ଘୋଷଣା ।**

**ଅଲ୍ଲାଃତାଲାଙ୍କ କୃପାରୁ ତେହ୍‌ରିକେ ଜଦିଦ୍‌ର ଆର୍ଥିକ ବଳିଦାନ ବ୍ୟବସ୍ଥାରେ ବିଶ୍ୱବ୍ୟାପୀ ଜମାଅତ୍ ଅହେମଦିୟାକୁ ଚଳିତ ବର୍ଷ ଏହି ଆର୍ଥିକ ବ୍ୟବସ୍ଥାରେ ୧୬.୪ ମିଲିୟନ୍ ପାଉଣ୍ଡ ଆର୍ଥିକ ବଳିଦାନ ଦେବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଏହି ଆଦାୟ ଗତ ବର୍ଷ ତୁଳନାରେ ଅଲ୍ଲାଃତାଲାଙ୍କ କୃପାରୁ ୧.୧ ମିଲିୟନ୍ ପାଉଣ୍ଡ ଅତିରିକ୍ତ ଆଦାୟ ହୋଇଛି ।**
**ଅଲ୍ଲାଃତାଲା ସ୍ପଷ୍ଟ ଭାବରେ କହିଛନ୍ତି ଯେ, ତୁମେମାନେ ଧର୍ମ ସକାଶେ ଯେଉଁ ବଳିଦାନ କରୁଛ, ନିଜର ପ୍ରିୟ ଧନକୁ ବ୍ୟୟ କରିଥାଅ, ଅଲ୍ଲାଃତାଲା ସେହି ବ୍ୟୟ ବଦଳରେ ଇହକାଳରେ ଓ ପରକାଳରେ ମଧ୍ୟ ତୁମମାନଙ୍କୁ ପୁରସ୍କୃତ କରିଥାଆନ୍ତି । କାରଣ ଅଲ୍ଲାଃତାଲା କୌଣସି ବ୍ୟକ୍ତିର ଋଣ ରଖନ୍ତି ନାହିଁ ।**

**ଆଜି ଧାର୍ମିକ ଅଭିପ୍ରାୟର ପୂର୍ଣ୍ଣ ସକାଶେ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ପ୍ରେରଣ କରିଛନ୍ତି ଏବଂ ଆପଣ ଅ.ସଙ୍କ ମାଧ୍ୟମରେ ଆଜି ସମଗ୍ର ବିଶ୍ୱରେ ଇସଲାମ୍ ଧର୍ମର ପ୍ରଚାର ଓ ମାନବ ସେବା କାର୍ଯ୍ୟ ସମ୍ପାଦିତ ହେଉଅଛି ।**

**ଅଲ୍ଲାଃତାଲାଙ୍କ କୃପାରୁ ସଂସାରରେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଲଜ୍‌ନାର ସଦସ୍ୟାମାନେ ନିଜର ସଂଖ୍ୟାତ୍ମକ ଦୃଷ୍ଟିରୁ ନିଜର ଅଂଶ ଚାନ୍ଦାରେ ପେଶ କରିଥାଆନ୍ତି ଏବଂ ସେମାନେ ଅନ୍ୟ ମହିଳାମାନଙ୍କ ଠାରୁ ପଛରେ ନାହାନ୍ତି ।**
**ଅଲ୍ଲାଃତାଲା ନା ଧନୀକ ବ୍ୟକ୍ତିମାନଙ୍କ ଠାରୁ ଋଣ ନିଅନ୍ତି ଓ ନା ଅଭାବି ବ୍ୟକ୍ତିଙ୍କ ଠାରୁ ଋଣ ନିଅନ୍ତି । ସୁତରାଂ ଅଲ୍ଲାଃତାଲା ପ୍ରତ୍ୟେକ ବ୍ୟକ୍ତିକୁ ସେମାନଙ୍କ ସାମର୍ଥ୍ୟାନୁଯାୟୀ ସମ୍ମାନିତ କରିଥାଆନ୍ତି ।**

**ଚଳିତ ବର୍ଷ ମଧ୍ୟ ଜମାଅତ୍ ଅହେମଦିୟା ଜର୍ମାନୀ ବିଶ୍ୱବ୍ୟାପୀ ଜମାଅତ୍‌ମାନଙ୍କରେ ପ୍ରଥମ ସ୍ଥାନ ଅଧିକାର କରିଛି ।**
**ବିଭିନ୍ନ ଦେଶ ସହିତ ସଂପର୍କ ରଖୁଥିବା ନୈଷ୍ଠିକ ଅହେମଦିମାନଙ୍କର ଆର୍ଥିକ ବଳିଦାନର ବିଶ୍ୱାସବର୍ଦ୍ଧକ ଘଟଣାବଳୀ ।**
**ତାରିଖେ ଅହେମଦିୟତ୍ ୟୁ.କେ ୱେବସାଇଟ୍ (www.history.ahmadiya.uk)ର ପ୍ରଣୟନ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା ୪ ନଭେମ୍ବର ୨୦୨୨ ମସିହା ଅନୁଯାୟୀ ୪ ନବୁୱତ୍ /୧୪୦୧ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**
**ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶ କରାଯାଉଛି ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَ اِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ଆଜି ନଭେମ୍ବର ମାସର ପ୍ରଥମ ଜୁମା ଏବଂ ପରମ୍ପରା ଅନୁଯାୟୀ ଆଜିର ଖୁତ୍‌ବାରେ ମୁଁ ତେହ୍‌ରିକେ ଜଦିଦ୍‌ର ନବ ବର୍ଷର ଘୋଷଣା କରିଥାଏ ଏବଂ ଗତ ବର୍ଷରେ ହୋଇଥିବା ଅଲ୍ଲାଃତାଲାଙ୍କ କୃପାବୃଷ୍ଟିର ଚର୍ଚ୍ଚା କରିଥାଏ । ଅତଃ ତତ୍‌ସଂକ୍ରାନ୍ତରେ ମୁଁ କିଛି କହିବି । ସର୍ବ ପ୍ରଥମ କଥାକୁ ସ୍ମରଣ ରଖିବା ଉଚିତ ଯେ, ପ୍ରତ୍ୟେକ କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ, ତାହାର ଖର୍ଚ୍ଚ ପୂର୍ଣ୍ଣ କରିବା ସକାଶେ ଅର୍ଥ ଆବଶ୍ୟକ ପଡ଼ିଥାଏ। ଉକ୍ତ କଥାର ସ୍ପଷ୍ଟୀକରଣ ଦେଇ ଏକ ସ୍ଥଳେ ହ. ମସିହ୍ ମଉଦ ଅ.ସ କହିଲେ, ପ୍ରତ୍ୟେକ ନବୀ ନିଜର ଅଭିପ୍ରାୟକୁ ଚରିତାର୍ଥ କରିବା ସକାଶେ ଆର୍ଥିକ ବଳିଦାନ କରିବା ପ୍ରତି ନିଜର ଅନୁଗାମୀମାନଙ୍କୁ ଆହ୍ୱାନ ଦେଇଥାନ୍ତି **(ମଲ୍‌ଫୁଜାତ୍, ଭାଗ-୧, ପୃ-୨୩୩, ସଂସ୍କରଣ ବର୍ଷ- ୧୯୮୪ ମସିହାରୁ ଆହୃତ )** ଓ ପବିତ୍ର କୁରଆନ୍ ମଧ୍ୟ ଭିନ୍ନ ଢଙ୍ଗରେ ଓ ବିଭିନ୍ନ ରୂପରେ ଆର୍ଥିକ ବଳିଦାନ କରିବା ପ୍ରତି ବିଶ୍ୱାସକାରୀମାନଙ୍କ ଧ୍ୟାନ ଆକର୍ଷଣ କରିଛି ।

ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା ସ୍ପଷ୍ଟ ରୂପେ ଦର୍ଶାଇଛନ୍ତି ଯେ, ଧର୍ମ ସକାଶେ ତୁମେମାନେ ଯେଉଁ ବଳିଦାନ ଦେଇଥାଅ, ଅର୍ଥ ତ୍ୟାଗ କରିଥାଅ ତାହାର ପ୍ରତିଫଳ ସ୍ୱରୂପ ସେ ତୁମକୁ ଏହି ଇହକାଳରେ ଓ ପରକାଳରେ ମଧ୍ୟ ପୁରସ୍କାର ପ୍ରଦାନ କରିଥାଆନ୍ତି। ଅଲ୍ଲାଃତାଲା କାହାରି ଋଣ ରଖନ୍ତି ନାହିଁ ।

ଉଦାହରଣ ସ୍ୱରୂପ ଅଲ୍ଲାଃତାଲା ପବିତ୍ର କୁରଆନ୍‌ର ସୁରାଃ ବକ୍‌ରାର ଆୟତ୍ ସଂଖ୍ୟା ୨୬୨ରେ କୁହନ୍ତି, ଯେଉଁ ବିଶ୍ୱାସକାରୀମାନେ ନିଷ୍ପାପର ମନୋଭାବ ରଖି ଅଲ୍ଲାଃତାଲାଙ୍କ

ମାର୍ଗରେ ନିଜର ପ୍ରିୟ ଅର୍ଥ ବ୍ୟୟ କରନ୍ତି ଅଲ୍ଲାଃତାଲା ସେମାନଙ୍କର କୌଣସି ଉଧାର ରଖନ୍ତି ନାହିଁ ବରଂ ଇହକାଳ ଓ ପରକାଳରେ ମଧ୍ୟ ସେମାନଙ୍କୁ ଏହାର ସବିଶେଷ ପ୍ରତିଫଳ ପ୍ରଦାନ କରି ଦେଇଥାଆନ୍ତି ।

ଅତଃ ଏହା ହେଉଛି ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟକାରୀ ବିଶ୍ୱାସକାରୀଙ୍କ ଉଦାହରଣ ଯେଉଁମାନେ ନୈଷ୍ଠିକ ରୂପେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିଥାଆନ୍ତି । ଅଲ୍ଲାଃତାଲା କୌଣସି ବ୍ୟକ୍ତିର ଋଣ ରଖନ୍ତି ନାହିଁ। ବରଂ ସେମାନଙ୍କୁ ଇହକାଳରେ ହିଁ ସମ୍ମାନିତ କରିଥାଆନ୍ତି ଓ ପରକାଳରେ ମଧ୍ୟ ସମ୍ମାନିତ କରି ଥାଆନ୍ତି । ଉକ୍ତ ଯୁଗରେ ଅଲ୍ଲାଃତାଲା ଧର୍ମର ପ୍ରଚାର ପ୍ରସାର ନିମନ୍ତେ ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ପ୍ରେରଣ କରିଛନ୍ତି । ତତ୍‌ସହିତ ହ. ମସିହ୍ ମ ଉଦ୍ ଅ.ସଙ୍କ ଅନୁଗାମୀମାନଙ୍କ ଉପରେ ଏହି ଦାୟିତ୍ୱ ମଧ୍ୟ ନ୍ୟସ୍ତ କରିଛନ୍ତି ଯେ, ଧର୍ମ ପ୍ରଚାର ପ୍ରସାର ନିମନ୍ତେ, ଇସ୍‌ଲାମ୍ ଧର୍ମର ବାର୍ତ୍ତାକୁ ସମଗ୍ର ସଂସାରରେ ପ୍ରସାରିତ କରିବା ନିମନ୍ତେ, ସଂସାରକୁ ଏକେଶ୍ୱରବାଦର ଧ୍ୱଜା ତଳେ ଆଣିବା ନିମନ୍ତେ ନିଜର କର୍ତ୍ତବ୍ୟ ନିର୍ବାହ କରନ୍ତୁ । ଯଦି ଆପଣମାନେ ନିଷ୍ଠାପର ମନୋଭାବ ରଖି ଉକ୍ତ କାର୍ଯ୍ୟ ସମ୍ପାଦନ କରିବେ ତେବେ ଆପଣମାନେ ଅଲ୍ଲାଃତାଲାଙ୍କର କୃପାର ପ୍ରକୃତ ଅଧିକାରୀ ହୋଇପାରିବେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ମିଳେ ଯେ, ଆଁହଜରତ ସ.ଅ କହିଲେ, ନମାଜ୍, ରୋଜା, ଅଲ୍ଲାଃତାଲାଙ୍କ ନାମ ଭଜିବା ଓ ତାହାଙ୍କ ମାର୍ଗରେ ନିଜର ପ୍ରିୟ ଅର୍ଥକୁ ବ୍ୟୟ କରିବା ଦ୍ୱାରା ଅଲ୍ଲାଃତାଲା ଭକ୍ତକୁ ସାତ ଶହଗୁଣା କରି ଫେରସ୍ତ କରି ଦେଇଥାଆନ୍ତି । (ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଜିହାଦ୍, ବାବୁ ଫି ତଜ୍‌ଇଫିଜ୍ ଜିକ୍ରି ଫି ସବିଲିଲ୍ଲାଃ ଅଜ୍‌ଜୱା ଜଲ୍ଲା, ହଦିସ୍ ସଂଖ୍ୟ-୨୪୯୮) ଅର୍ଥାତ ତୁମେମାନେ ଯେଉଁ ଆର୍ଥିକ ବଳିଦାନ କରିଥାଅ ଏହାକୁ ସମ୍ପାଦନ କରିବା ସହିତ ଅନ୍ୟ ଉପାସନା ସମ୍ପଦାନ କରିବା ମଧ୍ୟ ଅତ୍ୟାବଶ୍ୟକ। ଅତଏବ ଉକ୍ତ ହଦିସ୍‌ରେ ଜଣେ ପ୍ରକୃତ ବିଶ୍ୱାସକାରୀର ନକ୍ସା ଅଙ୍କନ କରିଯାଇଛି । ତେଣୁ ଜଣେ ବିଶ୍ୱାସକାରୀକୁ ଏହା ମନେ କରିବା ଉଚିତ ନୁହଁ ଯେ, କେବଳ ଆର୍ଥିକ ବଳିଦାନ କରିଦେଇ ଅଲ୍ଲାଃତାଲାଙ୍କୁ କହିବ ଯେ, ପ୍ରଭୁ ମୁଁ ତ' ଏତେ ଆର୍ଥିକ ବଳିଦାନ କଲି ଓ ଆପଣଙ୍କ କଥନ ଅନୁଯାୟୀ ବର୍ତ୍ତମାନ ଆପଣ ମୋତେ ସାତଶହ ଗୁଣା ଅଧିକ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ନା । ତାହା ନୁହେଁ ବରଂ ତତସହିତ ନିଜ ଉପାସନାର ସ୍ତରକୁ ମଧ୍ୟ ଉଚ୍ଚ କରିବାକୁ ହେବ, ନିଜର ଆତ୍ମିକ ଅବସ୍ଥାକୁ ମଧ୍ୟ ସୁଦୃଢ଼ କରିବାକୁ ହେବ । ଅଲ୍ଲାଃତାଲାଙ୍କ ଚର୍ଚ୍ଚା ଦ୍ୱାରା ନିଜର ତୁଣ୍ଡକୁ ସର୍ବଦା ସୁତୃଣ୍ଡ ରଖିବାକୁ ହେବ । ବାଡ୍ୟ ଓ ନରର୍ଥ କଥା ଠାରୁ ଦୂରେଇ ରହିବାକୁ ହେବ । ନୈଷ୍ଠିକ ହୋଇ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କୁ ସଦିଚ୍ଛା ପ୍ରାପ୍ତି ସକାଶେ ଆର୍ଥିକ ବଳିଦାନ ମଧ୍ୟ କରିବାକୁ ପଡ଼ିବ । ଏପରି କରିବା ଫଳରେ ଅଲ୍ଲାଃତାଲା କିପରି ଜଣେ ଭକ୍ତକୁ ପୁରସ୍କୃତ କରିଥାଆନ୍ତି ଯାହାକୁ ଦେଖି ମନୁଷ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥାଏ ।

ବେଳେ ବେଳେ ଅଲ୍ଲାଃତାଲା ଆମର ସାମାନ୍ୟ କର୍ମକୁ ମଧ୍ୟ ଗ୍ରହଣ କରିଥାଆନ୍ତି ଏବଂ ଅପର ମୁହୂର୍ତ୍ତରେ ସେ ଆମକୁ ଏପରି ସମ୍ମାନିତ କିରଥାଆନ୍ତି ଯାହାକୁ ଦେଖି ଆମେମାନେ ଆଶ୍ଚର୍ଯ୍ୟ ଚକିତ ଓ ହତବମ୍ବ ହୋଇଯାଇଥାଉ । ଏହା ଅଲ୍ଲାଃତାଲାଙ୍କର ବିଶେଷ ତଥା ଅପାର କୃପା ଯେ, ସେ ନିଜର ଭକ୍ତକୁ କିପରି ସମ୍ମାନିତ କରିବେ ? ପୁନଶ୍ଚ ଏହା ଦ୍ୱାରା ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ବୃଦ୍ଧିଲାଭ ପାଇଥାଏ । ଭକ୍ତ ପ୍ରଭୁଙ୍କ ଉପରେ ପୂର୍ବାପେକ୍ଷା ଅଧିକ ବିଶ୍ୱାସ କରିବାକୁ ଲାଗିଥାଏ । କିନ୍ତୁ ସେ ଯାହା ହେଉ ନା କାହିଁକି ମନୁଷ୍ୟର ଏହି ଉଦ୍ୟମ ରହିବା ଉଚିତ ଯେ, ସେ କେବଳ ଏହି କଥା ଉପରେ ପ୍ରସନ୍ନ ହୋଇଉ ନଯାଉ ଯେ, ମୁଁ ଏତେ ବଳିଦାନ କରିଦେଲି ? ଏହାପରେ ଯଦିଓ ମୋର ଅନ୍ୟ କର୍ମ ଓ ଉପାସନା ନାହିଁ କିନ୍ତୁ ତଥାପି ଅଲ୍ଲାଃତାଲା ମୋତେ ଅବଶ୍ୟ ପୁରସ୍କୃତ କରିବେ । ଅତଃ ଆର୍ଥିକ ବଳିଦାନ କରୁଥିବା ବଳିଦାନକାରୀମାନଙ୍କୁ ନିଜର ଆଧାତ୍ମିକ ଅବସ୍ଥା ଆଡ଼କୁ ମଧ୍ୟ ଦୃଷ୍ଟି ଦେବା ଓ ସମୀକ୍ଷା କରିବାର ବହୁତ ଆବଶ୍ୟକତା ରହିଛି। ତେବେଯାଇ ଆପଣମାନେ ଅଲ୍ଲାଃତାଲଙ୍କ ପୁରସ୍କାରର ପ୍ରକୃତ ଉତ୍ତରାଧିକାରୀ ହୋଇପାରିବେ । ଅଲ୍ଲାଃତାଲା ପ୍ରକୃତ ବିଶ୍ୱାସକାରୀଙ୍କୁ ସର୍ବଦା ସମ୍ମାନିତ କରିଥାଆନ୍ତି । ଏହାର ଅନେକ ଦୃଷ୍ଟାନ୍ତମାନ ଜମାଅତ୍‌ରେ ମହଜୁଦ୍ ରହିଛି । ମୁଁ କେବଳ ପୂର୍ବ ପୁରୁଷଙ୍କ ଉଦାହରଣ ଉପସ୍ଥାପନ କରୁ ନାହିଁ। ବରଂ ମୁଁ ଏହା କହୁଛି ଯେ, ସେହି ପୂର୍ବ ପୁରୁଷମାନଙ୍କୁ ନିଜର ଈଶ୍ୱରଙ୍କ ଉପରେ କେତେ ବିଶ୍ୱାସ ଥିଲା ଯେ, ଈଶ୍ୱର ସେମାନଙ୍କୁ ସମ୍ମାନିତ ତଥା ପୁରସ୍କୃତ କରିଥିଲେ । ସାଂପ୍ରତିକ ଯୁଗରେ ଏହାର ଅନେକ ଉଦାହରଣ ବା ନଜିର ରହିଛି ।

ପୁରାତନ ଯୁଗରେ ପୂର୍ବ ପୁରୁଷମାନଙ୍କ ଦୃଷ୍ଟାନ୍ତ ମଧ୍ୟରେ ହ. ରାବେ ବିନ୍ ବସ୍‌ରି ର.ଅଙ୍କର ଏକ ଘଟଣା ବର୍ଣ୍ଣିତ ହୋଇଛି । ଈଶ୍ୱରଙ୍କ ଉପରେ ତାଙ୍କର କେତେ ବିଶ୍ୱାସ ରହିଥିଲା ? ଏକଦା ସେ ନିଜ ଘରେ ବସିଥିଲେ କି ସହସା କୋଡ଼ିଏ ଜଣ ଅତିଥି ତାଙ୍କ ଘରକୁ ଆସିଗଲେ ଏବଂ ଘରେ ମାତ୍ର ଦୁଇଟି ରୁଟି ଥିଲା। ସେ ଚାକରାଣୀକୁ କହିଲେ, ଏହି ରୁଟି ଦି ପଟକୁ ମଧ୍ୟ କୌଣସି ଗରିବକୁ ଯାଇ ଦେଇଆସ । ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ବିଶ୍ୱାସ ମଧ୍ୟ ବଡ଼ ବିଚିତ୍ର । ଚାକରାଣୀ ଜଣକ ଅତ୍ୟନ୍ତ ଚିନ୍ତିତ ହେଲା ଏବଂ ସେ ଭାବିଲା ଯେ, ଏହି ପୁଣ୍ୟବାନ ଲୋକମାନେ ମଧ୍ୟ ବଡ଼ ବିଚିତ୍ର ତଥା ମୂର୍ଖ ଅଟନ୍ତି ! ଘରେ ଅତିଥିମାନେ ଆସିଛନ୍ତି ଏବଂ ଖୁବ କମ୍ ରୁଟି ଅଛି ହେଲେ ମାଲିକାଣୀ କହୁଛନ୍ତି ରୁଟି ଯାଇ ଗରିବକୁ ଦେଇ ଆସ ? ବର୍ତ୍ତମାନ ସେ ଭାବୁଥିଲା କି ଏବଂ ଘରୁ ବାହାରକୁ ବାହାରୁଥିଲା କି ତାକୁ ମନେପଡ଼ିଗଲା ଏବଂ କିଛି କ୍ଷଣ ଗଲାପରେ ବାହାରୁ ସ୍ୱର ଶୁଭିଲା ଏବଂ ଜଣେ ମହିଳା ଆସିଲା, ଏବଂ ମାଲିକାଣୀଙ୍କୁ ଖୋଜିଲା ଏବଂ ଚାକରାଣୀକୁ କହିଲା, ତୁମର ସାଆନ୍ତାଣୀ କୁଆଡ଼େ ଅଛନ୍ତି ? ଉକ୍ତ ମହିଳା ଜଣକ ୧୮ ଖଣ୍ଡ ରୁଟି ଆଣିଥିଲା । ହ. ରାବିଆ ବସ୍ରି ର.ଅ ଉକ୍ତ ମହିଳାକୁ କହିଲେ, ଏ ରୁଟି ଗୁଡ଼ାକ ମୋର ନୁହେଁ । ଉକ୍ତ ଚାକରାଣୀକୁ ଆପଣ ର.ଅଙ୍କୁ କହିଲା, ଆପଣ ରଖି ନିଅନ୍ତୁ । ହ. ରାବିଆ ବସ୍ରି ର.ଅ କହିଲେ, ନା । ସେ ବହୁତ ଜିଦ୍ ଧରି କହିଲା ଆପଣ ରଖି ନିଅନ୍ତୁ ଏହି ରୁଟି ଗୁଡ଼ିକ ଅଲ୍ଲାଃତାଲା ଆପଣଙ୍କ ନିକଟକୁ ପ୍ରେରଣ କରିଛନ୍ତି । ହ. ରାବିଆ ବସ୍ରି କହିଲେ, ଏଗୁଡ଼ାକ ମୋର ନୁହେଁ । ତେଣୁ ମୁଁ ଏହାକୁ ରଖିବି ନାହିଁ । ଉକ୍ତ ଚାକରାଣୀ ଜଣକ ପୁଣି କହିଲା ସାଆନ୍ତାଣୀ ରଖି ନିଅନ୍ତୁ ନା । ସେ ଯାହା ହେଉ ନା କାହିଁକି କିଛି ସମୟ ପରେ ପଡ଼ୋଶୀ ଧନୀକ ମହିଳା ଜଣକ ନିଜର ଚାକରାଣୀକୁ ଡାକିଲା ଯେ, ତୁମେ କୁଆଡ଼େ ଚାଲି ଯାଇଛ? ରାବିଆ ବସ୍ରିଙ୍କ

ଘରେ ୨୦ ଖଣ୍ଡ ରୁଟି ନେଇ ଯିବାର ଥିଲା । ଏଇଟା ତାଙ୍କର ନୁହେଁ, ଏଇଟା ତ' ମୁଁ ଅନ୍ୟ ବ୍ୟକ୍ତିଙ୍କ ପାଇଁ ପ୍ରେରଣ କରିଥିଲି । ରାବିଆ ବସ୍ରି କୁହନ୍ତି ଯେ, ମୁଁ ଯେଉଁ ଦୁଇ ପଟ ରୁଟି ପଠେଇଥିଲି ମୁଁ ଅଲ୍ଲାଃତାଲାଙ୍କ ସହିତ ଏହି ବ୍ୟବସାୟ କରିଥିଲି ଯେ, ସେ ମୋତେ ଦଶଗୁଣା କରି ଫେରସ୍ତ କରିବେ ।

ତେଣୁ ପ୍ରତିଫଳ ସ୍ୱରୂପ କୋଡ଼ିଏଟି ରୁଟି ଆସିବାର ଥିଲା । ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଉକ୍ତ ଘଟଣାଟି ବର୍ଣ୍ଣନା କଲେ ଏବଂ ପବିତ୍ର କୁରଆନ୍ କରୀମ୍‌ର ବିଭିନ୍ନ ଆୟତ୍‌ର ପ୍ରମାଣ୍ୟ ମଧ୍ୟ ଉପସ୍ଥାପିତ କଲେ । ଆପଣ ର.ଅ ପ୍ରାମାଣ୍ୟ ଉପସ୍ଥାପିତ କରି କହିଲେ, ଅନେକ ସ୍ଥାନରେ ଗୋଟିଏ ବଦଳରେ ଦଶ ଓ ଅନ୍ୟ ସ୍ଥାନରେ ଗୋଟିଏ ବଦଳରେ ସାତ ଶହର ଚର୍ଚ୍ଚା ମଧ୍ୟ ରହିଛି ଏବଂ ଏହି ପ୍ରତ୍ୟୁପକାର ପୁଣ୍ୟ ଅବସରରେ ଓ ସ୍ଥାନ କାଳ ପାତ୍ର ଅନୁଯାୟୀ ଅଟେ । ଅର୍ଥାତ କେଉଁ ସମୟରେ ଓ କେତେବେଳେ ପୁଣ୍ୟ କରାଯାଇଛି ତଥା କେତେ ପରିମାଣର ବଳିଦାନ କରାଯାଇଛି । ବଳିଦାନକାରୀ କେଉଁ ପର୍ଯ୍ୟନ୍ତ ବଳିଦାନ ଦେଉଛି? ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ହ. ରାବିଆ ବିନ୍ ବସ୍ରିଙ୍କ ଉକ୍ତ ଘଟଣାକୁ ଚର୍ଚ୍ଚା କଲେ ଏବଂ କହିଲେ, ଅଲ୍ଲାଃତାଲା ଏହିପରି ପରୁସ୍କୃତ କରିଥାଆନ୍ତି । କିନ୍ତୁ ତୁମେମାନେ ଅଲ୍ଲାଃତାଲାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ସବୁବେଳେ ଏହିଭଳି କାର୍ଯ୍ୟ କର ନାହିଁ। **(ହକାଏକୁଲ୍ କୁରଆନ୍, ଭାଗ-୧, ପୃ-୪୨୦-୨୧ରୁ ଆହୃତ)**। ଏପରି ନହେଉ ଯେ, ତୁମେମାନେ ଅଲ୍ଲାଃତାଲାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଏପରି କାର୍ଯ୍ୟ କରିବା ଅନୁଚିତ ଅଟେ । ହଁ ଅଲ୍ଲାଃତାଲଙ୍କ ପାଇଁ ନୈଷ୍ଠିକ ରୂପେ ଯଦି କେବେ ଏହିଭଳି ବଳିଦାନ ଉପସ୍ଥାପିତ କର ତେବେ ଅଲ୍ଲାଃତାଲା ତୁମକୁ ଅବଶ୍ୟ ସମ୍ମାନିତ କରିବେ। ସୁତରାଂ ଯେଉଁମାନେ ପ୍ରଭୁଙ୍କ ଧର୍ମ ସକାଶେ ନିଜର ଅର୍ଥ ଉପସ୍ଥାପିତ କରନ୍ତି ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ଦିଅନ୍ତି ତେବେ ସେମାନେ ପ୍ରକୃତ ବଳିଦାନକାରୀ ଅଟନ୍ତି । ହ. ରାବିଆ ବସ୍ରି ର.ଅଙ୍କ ଉଦାହରଣ ବ୍ୟକ୍ତିଗତ ଅତିଥିଙ୍କ ଉଦାହରଣ ଲାଗେ । କିନ୍ତୁ ଲୋକମାନେ ତାଙ୍କ ନିକଟକୁ ମଧ୍ୟ ଧର୍ମ ସକାଶେ ଆସୁଥିଲେ । ସେ ଯାହା ହେଉ ନା କାହିଁକି ଆଜି ଧାର୍ମିକ ସ୍ୱାର୍ଥର ପୂରଣ ନିମନ୍ତେ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ପ୍ରେରଣ କରିଛନ୍ତି ଓ ଆପଣ ସ.ଅଙ୍କ ମାଧ୍ୟମରେ ଆଜି ସଂସାରରେ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ ଓ ମାନବସେବା କାର୍ଯ୍ୟ ସମ୍ପାଦିତ ହେଉଅଛି ।

ଅଲ୍ଲାଃତାଲାଙ୍କ କୃପାରୁ ଜମାଅତକୁ ପ୍ରତି ବର୍ଷ ଅନେକ ଲକ୍ଷାଧିକ ପାଉଣ୍ଡ ଧର୍ମଭିତ୍ତିକ ସାହିତ୍ୟିକ ପୁସ୍ତକ, ମସ୍‌ଜିଦ୍ ଓ ମିଶନ ହାଉସ୍ ନିର୍ମାଣ ଆଦି କାର୍ଯ୍ୟରେ ତଥା ଅନ୍ୟ ଯୋଜନାରେ ଅର୍ଥ ବ୍ୟୟ କରିଥାଏ। ୟୁରୋପ ଓ ବିକଶିତ ରାଷ୍ଟ୍ରର ଅଧିକାଂଶ ଅର୍ଥ ଭାରତ, ଆଫ୍ରିକା ଭଳି ଅନେକ ଗରିବ ରାଷ୍ଟ୍ରରେ ବ୍ୟୟ ହୋଇଥାଏ । ନିଜ ରାଷ୍ଟ୍ରର ଖର୍ଚ୍ଚ ବ୍ୟତୀତ ଯେଉଁ ଅର୍ଥ ଏହି ଲୋକମାନେ ନିଜ ରାଷ୍ଟ୍ରରେ ସେହି ଉଦ୍ଦେଶ୍ୟର ପରିପୂରଣ ନିମନ୍ତେ ଖର୍ଚ୍ଚ କରୁଛନ୍ତି ଓ ବର୍ତ୍ତମାନ କାର୍ଯ୍ୟରେ ଯେତେ ବ୍ୟାପକତା ଆସିଛି ଏହା ଅଲ୍ଲାଃତାଲାଙ୍କର ହିଁ ଅଶେଷ କୃପା ଯେ, ଏଭଳି ଆର୍ଥିକ ସଂକଟ ସତ୍ତ୍ୱେ ସେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସେମାନଙ୍କର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଅଲ୍ଲାଃତାଲା ଆଜି ମଧ୍ୟ ନିଜର ଉତ୍ତମ ବ୍ୟବହାରର ଦୃଶ୍ୟ ଆମମାନଙ୍କୁ ଦେଖାଇ ଥାଆନ୍ତି ଏବଂ ପ୍ରତ୍ୟେକ ଧନୀ ଗରିବ ରାଷ୍ଟ୍ରମାନଙ୍କରେ ବଳିଦାନକାରୀଙ୍କୁ ଅଭୂତପୂର୍ବକ ତଥା ବିଚିତ୍ର ଢଙ୍ଗରେ ପୁରସ୍କୃତ କରିଥାଆନ୍ତି ।

ଗରିବ ଦେଶରେ ବାସ କରୁଥିବା ଲୋକମାନେ ଏବଂ ଧନୀକ ରାଷ୍ଟ୍ରରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜ ନିଜର ଅଭିଜ୍ଞତା ପ୍ରାପ୍ତ ହୋଇଥାଏ । ଯେଉଁମାନ କି ନିଜର ଆବଶ୍ୟକତାକୁ ଜଳାଞ୍ଜଳୀ ଦେଇ ଅଲ୍ଲାଃତାଲାଙ୍କ ମାର୍ଗରେ ପ୍ରିୟ ଅର୍ଥକୁ ବ୍ୟୟ କରି ଦେଇଥାଆନ୍ତି। ବର୍ତ୍ତମାନ ମୁଁ କେତେକ ଘଟଣାବଳୀ ଉପସ୍ଥାପିତ କରିଦେଉଛି ଯହିଁରୁ ଏହା ସ୍ପଷ୍ଟ ପ୍ରତିତ ହୁଏ ଯେ, ଅଲ୍ଲାଃତାଲା ବଳିଦାନକାରୀମାନଙ୍କ ସହିତ କିପରି ବ୍ୟବହାର ପ୍ରଦର୍ଶନ କରିଥାଆନ୍ତି ଓ ନୈଷ୍ଠିକ ବଳିଦାନ କାରୀମାନେ କେଉଁ ଉତ୍ସାହମୂଳକ ମନୋଭାବ ପୋଷଣ କରି ନିଜର ବଳିଦାନ ଉପସ୍ଥାପିତେ କରନ୍ତି ?

ନବଦୀକ୍ଷିତ ଯେଉଁମାନେ ଅହେମଦିୟତ୍ ସ୍ୱୀକାର କରିଛନ୍ତି, ଇସ୍‌ଲାମ ଧର୍ମ ଗ୍ରହଣ କରିବାକୁ ସ୍ୱଳ୍ପ କାଳ ହୋଇଛି, ସେମାନଙ୍କ ମଧ୍ୟରେ ବି ଆର୍ଥିକ ବଳିଦାନ ପ୍ରତି ସ୍ୱତଃସ୍ଫୂର୍ତଃ ଧ୍ୟାନ ସୃଷ୍ଟି ହେଉଛି। ତାହା ଏଇଥିପାଇଁ ଯେ, ସେମାନଙ୍କୁ ଆର୍ଥିକ ବଳିଦାନର ପ୍ରକୃତ ମର୍ମ ଓ ପ୍ରକୃତ ଆତ୍ମାର ଅବଧାରଣା ହୋଇଯାଇଛି ।

ହୁଜୁର ଅନୱର୍ ଅ.ବ କହିଲେ, ଲାଇବେରିୟାର ଜଣେ ସ୍ଥାନୀୟ ମୁଅଲ୍ଲିମ୍ ଯାହାଙ୍କ ନାମ ମୁହମ୍ମଦ୍ ଜନ୍‌ସନ୍ ଅଟେ । ସେ ପୂର୍ବେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲେ, ପରେ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ଏବଂ ପରବର୍ତ୍ତୀ ସମୟରେ ସେ ମୁଅଲ୍ଲିମ୍ ହେଲେ । ସେ କୁହନ୍ତି, ଆମର କାଉଣ୍ଟି ଠାରେ କିଛି ମାସ ତଳେ ଏକ ଗ୍ରାମରେ ତବ୍‌ଲିଗି ଉଦ୍ୟମ ଫଳରେ ଜମାଅତ୍‌ର ଏକ ବୃକ୍ଷ ରୋପଣ (ଅର୍ଥାତ ସ୍ଥାପନ) ହେଲା ଓ ସେହି ଗ୍ରାମର ସମସ୍ତ ସଦସ୍ୟବୃନ୍ଦ ଇମାମଙ୍କ ସମେତ ଜମାଅତ୍‌ରେ ସାମିଲ୍ ହୋଇଗଲେ । ଏହି ଗ୍ରାମଟି ଛୋଟିଆ ଗ୍ରାମ ଅଟେ । ସେଠାରେ ଗମନାଗମନ ଓ ଯାତାୟତ ନିମନ୍ତେ ନିୟମିତ କୌଣସି ସଡ଼କ ସୁବିଧା ମଧ୍ୟ ନାହିଁ। ବର୍ଷା ଯୋଗୁଁ ସେଠାରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଆଦାୟ ଉଦ୍ଦେଶ୍ୟରେ ସେହି ଗ୍ରାମକୁ ଆମେମାନେ ଜାଣିଶୁଣି ଅଣଦେଖା କରିଦେଲୁ । କାରଣ ଆମେ ସେମାନଙ୍କୁ ଆସନ୍ତା ବର୍ଷ ତେହ୍‌ରିକ୍ କରିବୁ ଓ ତେହ୍‌ରିକେ ଜିଦଦ୍‌ର ବ୍ୟବସ୍ଥାରେ ସାମିଲ୍ କରିବୁ । ଏମାନେ ସଂପୂର୍ଣ୍ଣ ରୂପେ ନୂତନ ଅହେମଦି ଥିଲେ, ରାସ୍ତା ଦୁର୍ଗମ ଥିଲା, ଗ୍ରାମ ମଧ୍ୟ ଛୋଟ ଥିଲା । କୁହନ୍ତି, ଦିନେ ଗ୍ରାମର ମୁଖିଆ ବୋକାଇ (Bokai) ସାହେବ ହଠାତ୍ ଟବ୍‌ମେନ୍‌ବର୍ଗ ମିଶନ ହାଉସ୍ ପହଞ୍ଚିଗଲେ ଏବଂ ଆସିବା ମାତ୍ରେ କିଛି ଟଙ୍କା ପ୍ରଦାନ କରି କହିଲେ, ଜମାଅତ୍‌ର ୨୧ ଜଣ ସଦସ୍ୟଙ୍କର ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଅଛି । ଯେତେବେଳେ ସେମାନଙ୍କୁ ପଚରାଗଲା ଯେ, ସେମାନେ କିପରି ଜାଣିଲେ ? ଆପଣମାନଙ୍କୁ ତ' ତେହ୍‌ରିକ୍ (ଆହ୍ୱାନ) ଦିଆଯାଇ ନଥିଲା । ପ୍ରତ୍ୟୁତ୍ତରରେ ସେ କହିଲେ ଯେ, ମୁଁ ରେଡ଼ିଓରେ ଜମାଅତ୍‌ର କାର୍ଯ୍ୟକ୍ରମ ନିୟମିତ ରୂପେ ଶୁଣିଥାଏ ଏବଂ ଗତ ସପ୍ତାହ ଯେତେବେଳେ ଆପଣ ରେଡ଼ିଓରେ ତେହ୍‌ରିକେ ଜଦିଦ୍‌ର ପରିଚୟ କରାଇଲେ ଓ ତାହାର ମହତ୍ତ୍ୱ ତଥା ଉପାଦେୟତା ସଂପର୍କରେ ବୁଝାଇଲେ ସେତେବେଳେ ମୁଁ ଏହି କଥା ଜମାଅତ୍ ସମ୍ମୁଖରେ ରଖିଲି । ଫଳତଃ ସଦସ୍ୟବୃନ୍ଦମାନେ ଚାନ୍ଦା ଦେଲେ । ତେବେ ଏହିପରି ଭାବରେ ସ୍ୱତଃପ୍ରବୃତ୍ତଃ ଅଲ୍ଲାଃତାଲା ସେମାନଙ୍କ

ମନରେ ଏକଥା ଜାତ କଲେ ଏବଂ ସେମାନେ ହୃଦୟଙ୍ଗମ କରାଉଛନ୍ତି ଏବଂ ସେମାନଙ୍କ ଠାରେ ଏହି ଆତ୍ମା ସଞ୍ଚାର କରୁଛନ୍ତି।

ଗ୍ୟାମ୍ବିୟାର ଅମୀର ସାହେବ ଉଲ୍ଲେଖ କରନ୍ତି ଯେ, ତେହ୍‌ରିକେ ଜଦିଦ୍ ସଂକ୍ରାନ୍ତରେ ଏକ ଗ୍ରାମର ଲୋକମାନଙ୍କୁ ତେହ୍‌ରିକ (ଆହ୍ୱାନ) କରାଗଲା । ସମସ୍ତ ସଦସ୍ୟ ନବ ଦୀକ୍ଷିତ ଅଟନ୍ତି । ଜଣେ ୫୭ ବର୍ଷିୟା ବୃଦ୍ଧା ମହିଳା ଯାହାଙ୍କ ନାମ ସିଷ୍ଟର ଫାତୁ ଥିଲା ସେ ୨୦୦ ଡଲାସୀ କାଢି ଚାନ୍ଦାରେ ପୈଠ କରିଦେଲେ। ଡଲାସୀ ହେଉଛି ଗ୍ୟାମ୍ବିୟାର ରାଷ୍ଟ୍ରିୟ ମୁଦ୍ରା । ମହିଳା ଜଣକ କହିବାକୁ ଲାଗିଲେ, ଏଇଟା ହେଉଛି ଏକମାତ୍ର ମାର୍ଗ ଯାହା ଦ୍ୱାରା କେହି ବି ସତ୍ୟ ଇସ୍‌ଲାମ୍ ଅହେମଦିୟତ୍‌ର ବାର୍ତ୍ତାକୁ ପ୍ରସାରିତ କରିପାରିବ। ଯେପରିକି ହୁଜୁର ସ.ଅଙ୍କ କାଳରେ ହେଉଥିଲା। ସେ କହିଲା ଯେ, ଏହା ଶେଷ ଅର୍ଥ ଥିଲା ଯାହାକୁ ସେ ନିଜର ବଂଶ ସକାଶେ ଆହାର କ୍ରୟ ପାଇଁ ରଖିଥିଲେ । ଏପରି ନୁହେଁ ଯେ, ଉକ୍ତ ମହିଳା ଜଣକ ଧନୀକ ଥିଲେ । କିନ୍ତୁ ଏସେବୁ ସତ୍ତ୍ୱେ ସେ ୨୦୦ ଡଲାସୀ ଚାନ୍ଦା ଦେଲେ ଏବଂ କହିଲେ, ମୁଁ ଏହି ଚାନ୍ଦା ଏଇଥିପାଇଁ ଦେଉଛି ଯେ, ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାର ନିମନ୍ତେ ଏହି ଅର୍ଥର ଆବଶ୍ୟକତା ରହିଛି । ମୁଁ ନିଜ ପେଟର ଭୋକକୁ ଜଳାଞ୍ଜଳୀ ଦେଇ ଏହି ଅର୍ଥ ପ୍ରଦାନ କରୁଛି । ସେ କୁହନ୍ତି ବର୍ତ୍ତମାନ ଏହି କଥାବାର୍ତ୍ତା ଚାଲିଥିଲା କି ତାଙ୍କର ପୁତ୍ର ଯେକି ସୁଇଜରଲ୍ୟାଣ୍ଡରେ ବାସ କରନ୍ତି, ତାଙ୍କର ଫୋନ ଆସିଲା ଏବଂ ସେ କହିଲେ ଯେ, ସେ ୧୨୦୦୦ ଡ଼ଲାସୀ ପ୍ରେରଣ କରିଛନ୍ତି । ଫଳତଃ ଉକ୍ତ ବୃଦ୍ଧା ମହିଳା ଜଣକ ସର୍ବ ସମକ୍ଷରେ କାନ୍ଦି କାନ୍ଦି ଏହି ଘୋଷଣା କଲେ ଯେ, ଅଲ୍ଲାଃତାଲା କିପରି ଆମ ଉପରେ କୃପା ବର୍ଷଣ କରିଛନ୍ତି ? ସେ କହିବାକୁ ଲାଗିଲେ ଯେ, ମୁଁ ବର୍ତ୍ତମାନ ଆହୁରି ଅଧିକ ଚାନ୍ଦା ପୈଠ କରିବି । ସେଠାରେ ଉପସ୍ଥିତ ଥିବା ଲୋକମାନେ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ଥିଲେ । ୬ ମାସରୁ ଉର୍ଦ୍ଧ୍ୱ ସମୟ ହୋଇଯାଇଥିଲା ପୁତ୍ରର କୌଣସି ଖୋଜ ଖବର ନଥିଲା କି ପୁତ୍ର ମା ସହିତ ଯୋଗଯୋଗ କରୁ ନଥିଲା, ମାତା ପଚାରୁ ନଥିଲା । ଆର୍ଥିକ ରୂପେ ମାତାଙ୍କର ଅତ୍ୟନ୍ତ ଦୁରାବସ୍ଥା ଓ ଶୋଚନୀୟ ଅବସ୍ଥା ହୋଇଯାଇଥିଲା। କିନ୍ତୁ ସେହି ଅବସରରେ ଏହି ଘଟଣା ଘଟିଲା । ଅଲ୍ଲାଃତାଲା ଏଭଳି ସମ୍ବଳ ସୃଷ୍ଟି କରିଦେଲେ ଯେ, ପୁତ୍ରର ଫୋନ କଲ୍ ଆସିଲା ଏବଂ ତତ୍‌ସହିତ ଟଙ୍କା ମଧ୍ୟ ଆସିଲା । ନିଃସନ୍ଦେହ ରୂପେ ଏହବି ଘଟଣା ଦ୍ୱାରା ଲୋକମାନଙ୍କ ଉପରେ ଏକ ପ୍ରଭାବ ପଡ଼ିଲା ଯେ, ଅହେମଦିୟତ୍ ହେଉଛି ପ୍ରକୃତ ଇସ୍‌ଲାମ୍ ଏବଂ ସମସ୍ତେ ଏହି ପ୍ରତିଜ୍ଞା କଲେ ଯେ, ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଅହେମଦି ହୋଇ ରହିବେ ।

ତାନ୍‌ଜାନିୟାର ଉତ୍ତର ପଶ୍ଚିମ ଅବସ୍ଥିତ ଗେଟା (Geita) ଅଞ୍ଚଳରେ ଏକ ଜମାଅତ୍ ଅବସ୍ଥିତ । ସେଠାକାର ଅବ୍‌ଦୁଲ୍ଲାଃ ସାହେବ ନାମକ ଜଣେ ସେବକ ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି ଯେ, କିଛି ମାସ ପୂର୍ବେ ସେ ବୈଅତ୍ କରିଥିଲେ। ଦିନେ ସେ ଖୁତ୍‌ବା ଜୁମାରେ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ସଂକ୍ରାନ୍ତରେ ଶୁଣିଲେ । ତାଙ୍କୁ ଜ୍ଞାତ ହେଲା ଯେ, ଆଜିର ଦିନ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୈଠ କରିବାର ଶେଷ ମାସ ଏବଂ ପ୍ରତ୍ୟେକ ଅହେମଦି ଯାହାବି ସାମର୍ଥ୍ୟ ରଖୁଛି ସେ କଲ୍ୟାଣ ସକାଶେ ତହିଁରେ ସାମିଲ୍ ହୋଇଯିବା ଉଚିତ । ଅବ୍‌ଦୁଲ୍ଲାଃ ସାହେବଙ୍କ ନିକଟେରେ କୌଣସି ଅର୍ଥ ନଥିଲା । ସେ ୱାଦା ଲେଖାଇଲେ ଯେ, କାଲି ସନ୍ଧ୍ୟା ସୁଦ୍ଧା ସେ ଅବଶ୍ୟ କିଛି ନା କିଛି ଅର୍ଥ ଆଣି ଚାନ୍ଦା ତେହ୍‌ରିକେ ଜଦିଦ୍‌ରେ ପୈଠ କରିଦେବେ । ପରଦିନ ଯେତେବେଳେ ସେ କାମ ସନ୍ଧାନରେ ବାହିରିଲେ ଜଣେ ବ୍ୟକ୍ତିକୁ ଚାଷ ନିମନ୍ତେ ଏକ ବ୍ୟକ୍ତିର ଆବଶ୍ୟକତା ଥିଲା ଓ ଅବ୍‌ଦୁଲ୍ଲାଃ ସାହେବଙ୍କୁ ସେ ଉକ୍ତ କାର୍ଯ୍ୟଭାର ଅର୍ପଣ କରିଦେଲେ। ମହୋଦୟଙ୍କୁ ଯେଉଁ କାର୍ଯ୍ୟ ଦିଆଯାଇଥିଲା ତାହା ଦୁଇ ଦିନର କାର୍ଯ୍ୟ ଥିଲା । କିନ୍ତୁ ମହୋଦୟ ପୁରାଦିନ ଅତ୍ୟନ୍ତ ପରିଶ୍ରମର ସହିତ ସେହି କାର୍ଯ୍ୟକୁ ଗୋଟିଏ ଦିନରେ ଏବଂ ସନ୍ଧ୍ୟା ସୁଦ୍ଧା ସମାପ୍ତ କରିଦେଲ । ତାଙ୍କୁ ଯେଉଁ ପାରିଶ୍ରମିକ ମିଳିଲା ତାହାକୁ ଧରି ସେ ତେହ୍‌ରିକେ ଜଦିଦ୍‌ର ଚାନ୍ଦାରେ ପୈଠ କରିବା ପାଇଁ ପହଞ୍ଚି ଗଲେ । ଉକ୍ତ ଘଟଣାବଳୀକୁ ଶୁଣାଇ ସ୍ୱୟଂ କହିବାକୁ ଲାଗିଲେ ଯେ, ଅଲ୍ଲାଃତାଲା ମୋର ଅନ୍ତର୍ନିହିତ ଉଦ୍ଦେଶ୍ୟରେ କଲ୍ୟାଣ ପ୍ରଦାନ କଲେ ଏବଂ ନିଜର ଅପାର କୃପା ବଳରେ ମୋତେ ଆର୍ଥିକ ବଳିଦାନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ ଏହି ମନୋଭାବ କିପରି ମନ ମଧ୍ୟରେ ଜାତ ହୁଏ ତାହା ଉକ୍ତ ଘଟଣାରୁ ଅନୁମେୟ।

ଅଷ୍ଟ୍ରେଲିୟା ନିକଟବର୍ତ୍ତୀ ସୋଲୋମନ୍ ଦ୍ୱୀପପୁଞ୍ଜ ନାମକ ଏକ ଉପଦ୍ୱୀପ ରହିଛି । ଅଷ୍ଟ୍ରେଲିୟାର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ସୋଲେମନ୍ ଉପଦ୍ୱୀପର ଗସ୍ତ ସମୟରେ ସାଂସ୍କାରିକ, ପ୍ରଚାରିକ ତଥା ବ୍ୟବସ୍ଥା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ବ୍ୟତୀତ ତେହ୍‌ରିକେ ଜଦିଦ୍‌ର ପରିସମାପ୍ତି ସଂପର୍କରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ଦିଆଗଲା। ଲୋକମାନଙ୍କର ଧ୍ୟାନ ଆକର୍ଷଣ କରାଗଲା ତେବେ ସେଠାକାର ଜନୈକା ମହିଳା ଅଟନ୍ତି । ତାଙ୍କର ସ୍ୱାମୀ ଅଣମୁସଲମାନ ଅଟନ୍ତି। ଉଭୟେ ପୋଲଟ୍ରି ଫାର୍ମ (କୁକୁଡ଼ା ପାଳନ ଚାଷ) କାର୍ଯ୍ୟ କରନ୍ତି । ଯେତେବେଳେ ତେହ୍‌ରିକେ ଜଦିଦ୍‌ର ସେକ୍ରେଟାରୀ ସାହେବ ତାଙ୍କ ଘରକୁ ଗଲେ ଏବଂ ଚାନ୍ଦା ଦେବା ନିମନ୍ତେ ସ୍ମରଣ କରାଇଲେ, ସେତେବେଳେ ସେ ନିଜ ଘରେ ନଥିଲେ । ତାଙ୍କର ସନ୍ତାନମାନଙ୍କ ନିକଟରେ ଯାହାକିଛି ଅଳ୍ପ ବହୁତ ଟଙ୍କା ଥିଲା ତାହାକୁ ସେ ପୈଠ କରିଦେଲେ । ମହିଳା ଜଣକ ଯେତେବେଳେ ଘରକୁ ଆସିଲେ ସେତେବେଳେ ପିଲାମାନେ କହିଲେ ଯେ, ମା ଅମକ ସେକ୍ରେଟାରୀ ତେହ୍‌ରିକେ ଜଦିଦ୍ ସାହେବ ଆସିଥିଲେ। ଉକ୍ତ ମହିଳା ଜଣକ ତୁରନ୍ତ ସେକ୍ରେଟାରୀ ସାହେବଙ୍କ ଘରକୁ ଗଲେ ଏବଂ ଏକ ହଜାର ଡଲାର୍ ଚାନ୍ଦା ତେହ୍‌ରିକେ ଜଦିଦ୍‌ରେ ପୈଠ କରିଦେଲେ। ଫଳତଃ ସେକ୍ରେଟାରୀ ସାହେବ ମହିଳାଙ୍କୁ କହିଲେ ଯେ, ମୁଁ ସମସ୍ତ ବନ୍ଧୁମାନଙ୍କ ଠାରୁ ଚାନ୍ଦା ଆଦାୟ କରି ନେଇଛି । ଲିଷ୍ଟ୍ (ତାଲିକା) ପ୍ରସ୍ତୁତ କରିଦେଇ ଆସିଛି। ତେବେ ଆସନ୍ତା ବର୍ଷରେ ସେ ଏହି ଚାନ୍ଦା ପକେଇଦେବେ। ସେ କହିଲେ, ନାହିଁ ! ମୁଁ ଈଶ୍ୱରଙ୍କ ସହିତ ଏହି ପ୍ରତିଜ୍ଞା କରିଥିଲି ଯେ, ଚଳିତ ବର୍ଷ ଏତିକି ଦେବି । ତେଣୁ ଆପଣ ଚଳିତ ବର୍ଷର ଚାନ୍ଦା ବୋଲି ଭାବି ନିଅନ୍ତୁ । ସୁତରାଂ ତାଙ୍କ କହିବାନୁସାରେ ପୁନଃ ନୂତନ ଲିଷ୍ଟ୍ ପ୍ରସ୍ତୁତ କରାଗଲା ଏବଂ ରାତାରାତି ଏହାର ସୂଚନା କେନ୍ଦ୍ରକୁ ଦିଆଗଲା ।

ପୁନଶ୍ଚ ଅଲ୍ଲାଃତାଲା କିପରି ବହୁଗୁଣିତ କରି ଭକ୍ତକୁ ପ୍ରଦାନ କରିଥାଆନ୍ତି ତାହାର ମଧ୍ୟ କେତେକ ଦୃଷ୍ଟାନ୍ତ ରହିଛି । ଗିନି କନାକରିର ମୁବଲ୍ଲିଗ ସାହେବ ଉଲ୍ଲେଖ କରନ୍ତି । ଏଠାରେ କାଫିଲିୟା (Kafilya) ନାମକ ଏକ ସ୍ଥାନ ରହିଛି । ମିଶ୍ନାରୀ ସାହେବ ସେଠାରେ ଖୁତ୍‌ବା ଜୁମାରେ ତେହ୍‌ରିକେ ଜଦିଦ୍

ସଂକ୍ରାନ୍ତରେ ଲୋକମାନଙ୍କର ଧ୍ୟାନ ଆକର୍ଷଣ କଲେ। ପୁନଶ୍ଚ ବ୍ୟକ୍ତିଗତ ରୂପେ ଘରକୁ ଘର ଗସ୍ତ କଲେ ଓ ବୁଲିଲେ । ସିଲ୍ଲା (Sylla) ସାହେବ ନାମକ ଜଣେ ଯୁବକ ଭେଟ ହେଲେ ଏବଂ ତାଙ୍କୁ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଦେବା ପ୍ରତି ଧ୍ୟାନ ଆକର୍ଷଣ କରାଗଲା । ଫଳସ୍ୱରୂପ ସେ ସେହି ସମୟରେ ନିଜ ପକେଟରୁ ଦଶ ହଜାର ଗିନୀୟ ଫ୍ରାଙ୍କ (Guinea Franc) କାଢି ତେହ୍‌ରିକେ ଜଦିଦ୍‌ର ପାଣ୍ଠିରେ ପୈଠ କରିଦେଲେ ଏବଂ ତତ୍‌ସହିତ କହିଲେ ଯେ, ମୋ ପାଖରେ ଏହି ଟଙ୍କା ତକ ଥିଲା ଏବଂ ଏହି ପଇସାରେ ମୁଁ ଦ୍ୱିପ୍ରହର ଓ ରାତ୍ର ସମୟର ଆହାର କ୍ରୟ କରିଥାଆନ୍ତି । କିନ୍ତୁ ଆଜି ମୁଁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ଭୋକିଲା ରହିଯିବି ଓ ଉକ୍ତ ଘଟଣାର ଚାରିଦିନ ପରେ ଯୁବକ ଜଣକ ମିଶନାରୀ ସାହେବଙ୍କୁ ଫୋନ କରି କହିଲେ, ମୌଲବୀ ସାହେବ ! ଅଲ୍ଲାଃତାଲା ମୋର ବଳିଦାନକୁ ସ୍ୱୀକାର କରି ନେଇଛନ୍ତି । ସେ କୁହନ୍ତି, ମୁଁ Mining କମ୍ପାନୀରେ ଡ୍ରାଇଭରର ଜବ୍ ପାଇଁ ଆବେଦନ କରିଥିଲି ଓ ଇଣ୍ଟରଭ୍ୟୁ ମଧ୍ୟ ଦେଇଥିଲି । ଅଲ୍ଲାଃତାଲାଙ୍କ କୃପାରୁ ମୋତେ ମାସିକ ସାଢେ ପାଞ୍ଚ ଲକ୍ଷ ଗିନୀୟ ଫ୍ରାଙ୍କ୍ ଦରମାର ଏକ କଣ୍ଟ୍ରାକ୍ଟ ମିଳି ଯାଇଛି। ଏହିପରି ଭାବରେ ଅଲ୍ଲାଃତାଲା ଅନେକ ଗୁଣ ଅଭିବୃଦ୍ଧି କରି ମୋତେ ଟଙ୍କା ଫେରସ୍ତ କରିଦେଲେ । ସେହି ଯୁବକ ଜଣକ ବାର୍ଷିକ ଦଶ ହଜାର ଚାନ୍ଦା ତ' ଦେଇ ଦେଇଥିଲେ। କିନ୍ତୁ ତାଙ୍କ ଦରମାରେ ଯେଉଁ ଅଭିବୃଦ୍ଧି ଘଟିଲା ତାହା ସାତଶହ ଗୁଣା ଠାରୁ ବୃଦ୍ଧି ପାଇ ଛଅ ହଜାର ଛଅ ଶହ ଗୁଣା ଅଧିକ ଥିଲା । ଅଲ୍ଲାଃତାଲା କୁହନ୍ତି, ମୁଁ ଚାହୁଁଛି ଯେ, ମୁଁ ଏହାଠୁ ଅଧିକ ଗୁଣା ବୃଦ୍ଧି କରି ଦେବି । କିନ୍ତୁ ଅଲ୍ଲାଃତାଲା ଏଠାରେ ଉକ୍ତ ଯୁବକକୁ ଏହାଠୁ ବି ଅଧିକ ଅତିରିକ୍ତ ଅର୍ଥ ପ୍ରଦାନ କରି ଆମମାନଙ୍କୁ ଏହି ଦୃଶ୍ୟ ଅବଲୋକନ କାରଇଛନ୍ତି ।

ପୁନଶ୍ଚ ନାଇଜେରିୟାର ସଦର୍ ଲଜ୍‌ନା ସାହେବା ଉଲ୍ଲେଖ କରନ୍ତି, ଅଲ୍ଲାଃତାଲାଙ୍କ କୃପାରୁ ଲଜ୍‌ନା ଇମାଇଲ୍ଲାଃ ନାଇଜେରିୟାର ପ୍ରଥମ ତ୍ରିଦିବସୀୟ ଜାତୀୟ ତର୍‌ବିୟତି କ୍ଲାସ୍ କରିବାକୁ ସୁଯୋଗ ମିଳିଲା। ଅନେକ ମହିଳାମାନେ ଉକ୍ତ କ୍ଲାସ୍‌ରେ ଯୋଗ ଦେଇଥିଲେ । ଇତ୍ୟବସରରେ ତେହ୍‌ରିକେ ଜଦିଦ ସଂପର୍କରେ ମଧ୍ୟ ଧ୍ୟାନ ଆକର୍ଷଣ କରାଗଲା ଯେ, ବର୍ଷ ଶେଷ ହେବାକୁ ଆଉ କିଛି ଦିନ ବାକି ରହିଯାଇଛି। ତେଣୁ ଆପଣମାନେ ଯଥାଶୀଘ୍ର ନିଜ ନିଜର ୱାଦା ପୈଠ କରିବାକୁ ଚେଷ୍ଟା କରନ୍ତୁ । କିନ୍ତୁ ସଦର୍ ସାହେବା କୁହନ୍ତି, ସେହି ମୁହୂର୍ତ୍ତରେ ଅର୍ଥାତ ତେହ୍‌ରିକ କରିବାର କିଛି ସମୟ ମଧ୍ୟରେ ହିଁ ଲଜ୍‌ନାର ସଦସ୍ୟାମାନେ ଚାନ୍ଦା ଦେବା ଆରମ୍ଭ କରିଦେଲେ । ସଦର୍ ସାହେବା କହିଲେ, ମୁଁ ତ' ତାଙ୍କୁ କେବଳ ତେହ୍‌ରିକ କରିଥିଲି ଯେ, ବର୍ତ୍ତମାନ ଆପଣମାନଙ୍କ ନିକଟରେ ସମୟ ରହିଛି । କିନ୍ତୁ ଲଜ୍‌ନାର ସଦସ୍ୟାମାନେ କହିଲେ ନାହିଁ ଆମେ ଏହି ମୁହୂର୍ତ୍ତରେ ଚାନ୍ଦା ପୈଠ କରିବୁ । ସେମାନଙ୍କୁ ଅନ୍ୟ ଲଜ୍‌ନାମାନେ ମଧ୍ୟ ଆଗେଇ ଆସିଲେ ଏବଂ ଆର୍ଥିକ ବଳିଦାନ ଦେବା ଆରମ୍ଭ କରିଦେଲେ ଓ ଏକ ବିପୁଳ ପରିମାଣର ଅର୍ଥ ଏକତ୍ରିକ ହୋଇଗଲା ।

ଅଲ୍ଲାଃତାଲାଙ୍କ କୃପାରୁ ପୃଥିବୀରେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଲଜ୍‌ନା ଗୋଷ୍ଠୀ ନିଜର ସଂଖ୍ୟାନୁଯାୟୀ ନିଜର ଚାନ୍ଦା ପୈଠ କରିଥାଏ ଓ ସେମାନେ କାହାରିଠୁ ପଛରେ ନାହାନ୍ତି । କେତେକ ରାଷ୍ଟ୍ରରେ ତ' ବେଳେବେଳେ ଖୁଦ୍ଦାମ୍ ଓ ଅନ୍‌ସାର୍‌ମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ପଡ଼ିଥାଏ ଯେ, ଲଜ୍‌ନାମାନେ ବଳିଦାନରେ ଆଗାଇଯାଇଛନ୍ତି । ଆପଣମାନେ ମଧ୍ୟ ତଦନୁଯାୟୀ ଚାନ୍ଦା ପୈଠ କରନ୍ତୁ ।

ରଷିଆ ସ୍ଥିତ ସେଣ୍ଟ୍ ପିଟର୍ସବର୍ଗର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଅର୍ସାନ୍ ବେକ୍ ସାହେବଙ୍କ ସଂପର୍କ ରଷିଆର ଏକ ରାଜ୍ୟ ସହିତ ଅଟେ । ବିଗତ ବର୍ଷ ମୁଁ ତେହ୍‌ରିକେ ଜଦିଦ୍‌ର ନୂତନ ବର୍ଷର ଯେଉଁ ଘୋଷଣା କରିଥିଲି, ତେବେ ଅର୍ସାନ୍ ସାହେବ କହିଲେ, ସେ ତେହ୍‌ରିକେ ଜଦିଦ୍‌ରେ ଏକ ହଜାର ରୁବେଲ୍ (Roubel) ବଳିଦାନ ଉପସ୍ଥାପିତ କରୁଛନ୍ତି ଏବଂ ସେ ଚାନ୍ଦାର ଏହି ଅର୍ଥ ଗତ ବର୍ଷ ପୈଠ କରିଥିଲେ । ବର୍ତ୍ତମାନ ସେ କହୁଛନ୍ତି ଯେ, ମୁଁ ଚଳିତ ବର୍ଷ ଦଶ ହଜାର ରୁବେଲ ଚାନ୍ଦା ଦେବାର ୱାଦା ଲେଖାଉଛି । ପୁନଶ୍ଚ ସେ ନିଜର ବ୍ୟବସାୟ ସଂପର୍କରେ କହିଲେ ଯେ, ସେ ଏକ ବ୍ୟବସାୟ ଆରମ୍ଭ କରିବାକୁ ଯାଉଛନ୍ତି । ତେବେ ସେ ଯାହା ହେଉ ନା କାହିଁକି ସେ ଜୁଲାଇ ମାସରେ ନିଜର ଦଶ ହଜାର ରୁବେଲ ୱାଦା ସଂପୂର୍ଣ୍ଣ ରୂପେ ପୈଠ କରିଦେଲେ । ରଷିଆର ପରିସ୍ଥିତି ମଧ୍ୟ ୟୁକ୍ରେନ ଯୁଦ୍ଧ ଯୋଗୁଁ ସଂକୁଚିତ ହୋଇଯାଇଛି ଓ ରୁବେଲ୍‌ର ମୂଲ୍ୟ ମଧ୍ୟ ବହୁତ ତଳକୁ ଖସି ଆସିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ନିଜର ପ୍ରତିଶୃତି ବା ୱାଦା ପୂରଣ କରିଛନ୍ତି । ସୁତରାଂ ମୋଟ୍ ଏହି ଦଶ ହଜାର ରୁବେଲ୍ ଯାହାକି ଏକ ଶହ ଅଠସ୍ତୁରୀ ୟୁରୋ ଅଟେ । କିନ୍ତୁ ସେଠାକାର ପରିସ୍ଥିତି ଅନୁଯାୟୀ ଏହା ତାଙ୍କ ପାଇଁ ବହୁତ ବଡ଼ ରାଶି ଥିଲା । ମହୋଦୟ ଉକ୍ତ ୱାଦା ପୈଠ କରି ସାରିବା ପରେ କହିଲେ, ମୁଁ ଦଶ ହଜାର ରୁବେଲ୍ ବ୍ୟତୀତ ଆଉ ପାଞ୍ଚ ହଜାର ରୁବେଲ୍ ଚାନ୍ଦା ଦେବା ପାଇଁ ପ୍ରସ୍ତୁତ ଅଛି । ସୁତରାଂ ସେ ନିୟମିତ ଭାବରେ ସବୁ ଦିନ ପାଞ୍ଚ ଶହ ରୁବେଲ୍ ଲେଖାଏଁ ପୈଠ କରୁଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ମୋରେ ବିଜ୍‌ନେସ୍‌ରେ ଏହିପରି ଅଭିବୃଦ୍ଧି ଘଟିଛି । ଅର୍ଥାତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧ୍ୟ ମୋର ଆୟ ହେଉଅଛି । ଏହାପରେ ସେ ତାଙ୍କୁ ଏକ ହଜାର ରୁବେଲ୍ ଚାନ୍ଦା ପୈଠ କରିଦେଲେ ଓ ସେ ନିୟମିତ ଭାବରେ ଏହି ଚାନ୍ଦା ପାଠ କରୁଛନ୍ତି ।

କ୍ୟାମ୍ରୁନ୍‌ର ଉତ୍ତର ଦିଗରେ ସ୍ଥିତ ଏକ ସହର ରହିଛି ଯାହାର ନାମ ହେଲା ମର୍‌ୱା (Maroua), ସେଠିକାର ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି । ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଦେବା ଫଳରେ କିପରି ଧନରେ ଅଜସ୍ର କଲ୍ୟାଣ ପ୍ରାପ୍ତ ହୁଏ ତତ୍‌ସଂକ୍ରାନ୍ତୀୟ ଗରିବ ଲୋକମାନଙ୍କର ବିଶ୍ୱାସବର୍ଦ୍ଧକ ଏକ ଘଟଣା ରହିଛି । ଅବ୍‌ଦୁଲ୍ଲାଃ ସାହେବ ନାମକ ଜଣେ ଦରିଦ୍ର ବ୍ୟକ୍ତି ଅଟନ୍ତି, ସେ କୁହନ୍ତି ବିଗତ ବର୍ଷ ତେହ୍‌ରିକେ ଜଦିଦ୍‌ରେ ଚାନ୍ଦା ପାଇଁ ସେ ଅଧା ବାଲଟି ଅର୍ଥାତ ପାଞ୍ଚ କି.ଗ୍ରା ମକ୍କା (ଶସ୍ୟବୀଜ) ଚାନ୍ଦା ଆକାରରେ ପ୍ରଦାନ କରିଥିଲେ । ଏହି କାରଣରୁ ଅଲ୍ଲାଃତାଲା ମୋତେ ପାଞ୍ଚ ବସ୍ତା ମକ୍କା ଶସ୍ୟ ପ୍ରଦାନ କରିଛନ୍ତି। ଅର୍ଥାତ ତିନି ସହ ପଚାଶ କି.ଗ୍ରା । ଚଳିତ ସତୁରୀ ଗୁଣା ଅଧିକ ମକ୍କା ଶସ୍ୟ ବୀଜ ଉତ୍ପନ୍ନ ହୋଇଛି । ଚଳିତ ବର୍ଷ ମୁଁ ବହୁତ ଚିନ୍ତିତ ଥିଲି । ଖତ ଓ ସାରର ମୂଲ୍ୟ ବୃଦ୍ଧି ପାଇଥିଲା । ଫଳତଃ ମୁଁ ସାର ଓ ଖତ କ୍ରୟ କରିବାକୁ ସକ୍ଷମ ନଥିଲି । ତେଣୁ ମୁଁ ବହୁତ ଚିନ୍ତିତ ଥିଲି ଯେ, ଏପରି ନହେଉ ଯେ, ମୋର ଫସଲ ସଂପୂର୍ଣ୍ଣ ଖରାପ ବା ନଷ୍ଟ ହୋଇଯାଉ। ସେ ଯାହା ହେଉ ନା କାହିଁକି ସେ କୁହନ୍ତି, ମୁଁ ଯଥାସମ୍ଭବ କିଛିଟା ପରିଶ୍ରମ ଓ ପ୍ରୟାସ କଲି । ଅଲ୍ଲାଃତାଲା ତାଙ୍କୁ ଏପରି କଲ୍ୟାଣ

ପ୍ରଦାନ କଲେ ଯେ, ଚଳିତ ବର୍ଷ ତାଙ୍କର ଦୁଇଗୁଣା ଫସଲ ଉତ୍ପନ୍ନ ହେଲା । ତେହ୍‌ରିକେ ଜଦିଦ୍‌ର ଚାନ୍ଦାରେ ସେ ସତୁରୀ କି.ଗ୍ରାର ବସ୍ତା ପ୍ରଦାନ କଲେ। ସେ କୁହନ୍ତି, ମୁଁ ନିଜର ପରିବାରବର୍ଗଙ୍କୁ ମଧ୍ୟ ଏକଥା କହୁଛି ଯେ, ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଦେବାର କଲ୍ୟାଣ ଯୋଗୁଁ ଅଲ୍ଲାଃତାଲା ମୋର ଶ୍ରମ ଓ ଫସଲରେ କଲ୍ୟାଣ ପ୍ରଦାନ କରିଛନ୍ତି ।

ଗ୍ୟାମ୍ବିୟାର ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ଛୋଟ ଛୋଟ ଘଟଣାବଳୀ ରହିଛି । କିନ୍ତୁ ଗରିବ ଅହେମଦିମାନଙ୍କ ପାଇଁ ତାହା ଅତ୍ୟନ୍ତ ଉପାଦେୟ ଅଟେ । ଗ୍ରାମର ଏକ ବନ୍ଧୁ ଯାହାଙ୍କ ନାମ ହେଲା ପାଥେ ସିସେ ସାହେବ । ୨୦୧୪ ମସିହାରେ ସେ ବୈଅତ୍ କରିଥିଲେ । ସେ କୁହନ୍ତି ଯେ, ଜମାଅତ୍‌ରେ ସାମିଲ୍ ହେବା ପୂର୍ବରୁ ମୁଁ ରୋଜଗାରହୀନ ଥିଲି । ଚାକିରୀ ହାତେଇବା ନାନା କୌଶଳ ଓ ଚେଷ୍ଟା ଅବଲମ୍ବନ କଲି । କିନ୍ତୁ ତହିଁରେ ମୁଁ ବିଫଳ ରହିଲି । ସେ କୁହନ୍ତି ମୁଁ ଯେବେଠାରୁ ଜମାଅତ୍‌ରେ ସାମିଲ ହୋଇଛି ଚାନ୍ଦା ଓ ଅନ୍ୟାନ୍ୟ ଜମାଅତୀୟ କାର୍ଯ୍ୟ ଆଦିରେ, ତବ୍‌ଲିଗ ଆଦିରେ ମୁଁ ପ୍ରତିଯୋଗୀ ହୋଇ ଅଂଶ ଗ୍ରହଣ କରୁଛି । ସୁତରାଂ ବର୍ତ୍ତମାନ ସେ ଦୁଇଟି ସ୍ଥାନରେ ଚାକିରୀ କରୁଛନ୍ତି । ଅତଃ କେଉଁଠି ସେ ବେରୋଜଗାର ଥିଲେ, ତାଙ୍କର ରହିବା କଷ୍ଟକର ହେଉଥିଲା, ପାଖରେ ଚାଳଟିଏ ନଥିଲା । କିନ୍ତୁ ବର୍ତ୍ତମାନ ସେ ପକ୍କା ଘରଟିଏ ନିର୍ମାଣ କରି ନେଇଛନ୍ତି। ଲୋକମାନେ କହୁଛନ୍ତି ଯେ, ତାଙ୍କୁ କୁଆଡ଼େ ଜମାଅତ୍‌ର ସଦସ୍ୟବୃନ୍ଦ ସାହାଯ୍ୟ କିରଛନ୍ତି । ପ୍ରତ୍ୟୁତ୍ତରରେ ପାଥେ ସିସେ ସାହେବ କୁହନ୍ତି, ମୋତେ ଜମାଅତ୍ କିଛି ସାହାଯ୍ୟ କରି ନାହିଁ। ବରଂ ଚାନ୍ଦା ଦେବାର କଲ୍ୟାଣ ଯୋଗୁଁ ଅଲ୍ଲାଃତାଲା ମୋତେ ସାହାଯ୍ୟ କରିଛନ୍ତି ।

ଇଣ୍ଡୋନେସିଆର ଅମୀର ସାହେବ ଉଲ୍ଲେଖ କରନ୍ତି ଯେ, ଜଣେ ଅହେମଦିଙ୍କ ଏକ ଫ୍ୟାକ୍ଟ୍ରି ରହିଛି । ତାଙ୍କର ଆର୍ଥିକ ସ୍ଥିତି ସେତେଟା ସ୍ୱଚ୍ଛଳ ନଥିଲା ଅର୍ଥାତ ଦିନ ଭଲ ବିତୁ ନଥିଲା । ବ୍ୟବସାୟ ଭଲ ଚାଲୁ ନଥିଲା । ତେହ୍‌ରିକେ ଜଦିଦ୍ ସଂପର୍କରେ ମହୋଦୟଙ୍କ ସମ୍ମୁଖରେ ଯେତେବେଳେ କେତେକ ଘଟଣାବଳୀର ଚର୍ଚ୍ଚା କରାଗଲା ଏବଂ ନୂତନ ବର୍ଷର ମୁଁ ଘୋଷଣା କଲି ସେତେବେଳେ ତାଙ୍କ ଉପରେ ଏହାର ସୁପ୍ରଭାବ ପଡ଼ିଲା । ସେ ତୁରନ୍ତ ତେହ୍‌ରିକେ ଜଦିଦ୍ ନିମନ୍ତେ ଗତ ବର୍ଷ ତୁଳନାରେ ଦୁଇଗୁଣା ୱାଦା ଲେଖାଇଦେଲେ ଏବଂ ଶୀଘ୍ର ସେହି ୱାଦାକୁ ପୂର୍ଣ୍ଣ ମଧ୍ୟ କରିଦେଲେ । ଅର୍ଥାତ ସମସ୍ତ ଚାନ୍ଦା ପୈଠ କରିଦେଲେ। ଏହାର ଗୋଟିଏ ସପ୍ତାହ ପରେ ଅଲ୍ଲାଃତାଲା ତାଙ୍କୁ ସମ୍ମାନିତ କଲେ ଏବଂ ତାଙ୍କର ସେଲ୍‌ରେ (ବ୍ୟବସାୟରେ) ଅଭିବୃଦ୍ଧି ହେବାକୁ ଆରମ୍ଭ କରିଦେଲା । ଏହିପରି ଭାବରେ ଏକ କମ୍ପାନୀ ଯାହାଙ୍କ ସହିତ ପ୍ରଥମେ ବ୍ୟବସାୟ ବନ୍ଦ ହୋଇଯାଇଥିଲା ତାହା ପୁଣି ଫେରି ଆସିଲା । ଅର୍ଥାତ ଆରମ୍ଭ ହୋଇଗଲା ଓ ସେ ବହୁତ କିଣାକିଣି କଲେ । ସେ କୁହନ୍ତି ଯେ, ଚଳିତ ବର୍ଷ ମୋ କମ୍ପାନୀର ଆୟ ଗତ ବର୍ଷ ତୁଳନାରେ ଦୁଇ ଗୁଣା ବୃଦ୍ଧି ପାଇଛି ।

ଫରହାଦ୍ ସାହେବ ନାମକ ଜର୍ମାନୀର ଜଣେ ମୁବଲ୍ଲିଗ୍ ସିଲସିଲା ଉଲ୍ଲେଖ କରନ୍ତି ଯେ, ୱେଜବାଦନ୍ (Wiesbaden)ର ଜଣେ ମହିଳାଙ୍କୁ ଚାକିରୀରୁ ନିଲମ୍ବିତ କରିଦିଆଗଲା । ଫଳତଃ ତାଙ୍କର ଆୟ ବନ୍ଦ ହୋଇଗଲା । ସ୍ୱାମୀଙ୍କୁ ଡାକିବାର ଥିଲା, ସ୍ୱନସର୍ କରିପାରୁ ନଥିଲେ । ଅତଃ ବ୍ୟସ୍ତବିବ୍ରତ ହୋଇ ନିଜ ସମସ୍ୟାର ପରିପ୍ରକାଶ ନିଜର ଭାଇ ଆଗରେ କଲେ । ତେବେ ତାଙ୍କ ଭାଇ କହିଲେ ଯେ, ଅପା ବର୍ତ୍ତମାନ କେବଳ ଗୋଟିଏ ରାସ୍ତା ରହିଛି ଏବଂ ତାହା ଏହା ଯେ, ତୁମେ ଦୁଆ କର ଓ ଚାନ୍ଦା ଦିଅ । ସୁତରାଂ ଉକ୍ତ ମହିଳା ଜଣକ ନିଜର ଅଳଂକାର ବିକ୍ରି କରି ଚାନ୍ଦା ପୈଠ କରିଦେଲେ । ଚାରି ଦିନ ପରେ କାମ କଲାବାଲାଙ୍କ ସନ୍ଦେଶ ଆସିଲା ଯେ, ଆପଣଙ୍କୁ ନିୟମିତ କାମ ଦିଆଯାଉଛି ଓ ନିୟମିତ ଦୁଇ ହଜାର ୟୁରେ ଲେଖାଏଁ ମିଳିବ । ଏହା ଦ୍ୱାରା ସେ ନିଜ ସ୍ୱାମୀଙ୍କୁ ସ୍ୱନସର ମଧ୍ୟ କରିପାରୁ ଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ଭାରତର ୱକିଲ୍ ମାଲ୍ ସାହେବ କୁହନ୍ତି ଯେ, ଏଠାରେ ଜଣେ ବ୍ୟକ୍ତି ଅଛନ୍ତି ଯେକି ଆର୍ଥିକ ବଳିଦାନରେ ଓ ତେହ୍‌ରିକେ ଜିଦଦ୍‌ର ଚାନ୍ଦା ପୈଠକାରୀଙ୍କ ମଧ୍ୟରେ ବ୍ୟୟ କରିବା ପାଇଁ ସର୍ବଦା ତତ୍ପର ଓ ବ୍ୟଗ୍ର ଅଟନ୍ତି । ତାଙ୍କୁ ଯେତେବେଳେ ନିଜ ବଜେଟ୍‌ରେ ଅଭିବୃଦ୍ଧ କରିବା ପାଇଁ କୁହାଗଲା ସେତେବେଳେ ସେ କହିବାକୁ ଲାଗିଲେ, ମୌଲବୀ ସାହେବ ! କେତେ ବୃଦ୍ଧି କରିବି ? ୱକିଲ୍ ମାଲ୍ ସାହେବ କହିଲେ, ଆପଣ ନିଜର ଆର୍ଥିକ ସମ୍ବଳ ଅନୁଯାୟୀ ଯେତେ ପୈଠ କରିପାରିବେ ସେତିକି ଦିଅନ୍ତୁ । ସେ କିନ୍ତୁ କେନ୍ଦ୍ରୀୟ ପ୍ରତିନିଧିଙ୍କୁ ଏହା ହିଁ କହୁଥିଲେ ଯେ, ମୌଲବୀ ସାହେବ ! ଆପଣ କହୁ ନାହାନ୍ତି କେତେ ବୃଦ୍ଧି କରିବି ? ଶେଷରେ ୱକିଲ୍ ମାଲ୍ ସାହବେ କହିଲେ ଦଶ ଲକ୍ଷ ବୃଦ୍ଧି କରି ଦିଅନ୍ତୁ । ସେ ପୂର୍ବରୁ ପାଞ୍ଚ ଲକ୍ଷ ଟଙ୍କା ଦେଇ ସାରିଥିଲେ। ଅତଃ ସେ ନିଜ ଚାନ୍ଦାରେ ଅଭିବୃଦ୍ଧି କରି ଅତିରିକ୍ତ ଦଶ ଲକ୍ଷ ଟଙ୍କା ଚାନ୍ଦା ପୈଠ କରିଦେଲେ । ସଂପୃକ୍ତ ଚାନ୍ଦା ପୈଠକାରୀ କୁହନ୍ତି, ମୋର ଏକ ବାସ ଭବନ ଥିଲା ଯାହାକି ପଞ୍ଜିକୃତ ହୋଇପାରୁ ନଥିଲା ସେଥିଯୋଗୁଁ ବହୁତ କ୍ଷୟକ୍ଷତି ସହ୍ୟ କରିବାର ସମ୍ଭାବନା ରହିଥିଲା । କିନ୍ତୁ ନିଜ ଚାନ୍ଦାରେ ଯେତେବେଳେ ମୁଁ ଅଭିବୃଦ୍ଧି କଲି ସେତେବେଳେ କିଛି ଦିନ ପରେ ମୋର ଏହି କାର୍ଯ୍ୟ ଅର୍ଥାତ ରେଜିଷ୍ଟ୍ରି କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ ହୋଇଗଲା ଯାହାକି ଅନେକ ଦିନ ପର୍ଯ୍ୟନ୍ତ ମୁଲତବୀ ରହିଥିଲା । କିନ୍ତୁ ଅଲ୍ଲାଃତାଲା ମୋର କ୍ଷତିର ଭରଣା କରିଦେଲେ । ଅଲ୍ଲାଃତାଲା ନା ଧନୀକ ବ୍ୟକ୍ତିଙ୍କର ଉଧାର ରଖନ୍ତି ଓ ନା ହିଁ ଦିରଦ୍ରମାନଙ୍କର ଉଧାର ରଖନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ତା'ର ସାମର୍ଥ୍ୟାନୁଯାୟୀ ଓ ଚାନ୍ଦା ପୈଠ ଅନୁଯାୟୀ ହିଁ ଅଲ୍ଲାଃତାଲା ପୁରସ୍କୃତ କରି ଥାଆନ୍ତି ।

ହୁଜୁର ଅନ୍‌ୱର ଅ.ବ କହିଲେ, ଭାରତରୁ ହିଁ ଆଉ ଜଣେ ୱକିଲ୍ ମାଲ ସାହେବ ଉଲ୍ଲେଖ କରନ୍ତି ଯେ, ଶେରେ କାଶ୍ମୀର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ଼ାଃ ମହୋଦୟ ନିଜ ପ୍ରତିଶ୍ରୁତ ଚାନ୍ଦା ପୈଠ କରିସାରି ଥିଲେ । ଏହାପରେ ସେ କହିଲେ, ଅଲ୍ଲାଃତାଲା ମୋତେ ଏହିଭଳି ପୁରସ୍କୃତ କଲେ ଯେ, ମୋତେ ପଦୋନ୍ନତି ଦେଇ ଏଗ୍ରୋନୋମିରେ Professor-cum-Chief Scientist କରିଦେଲେ । ହୋଇଗଲା ଅର୍ଥାତ ମୁଁ ଜଣେ ମୁଖ୍ୟ ବୈଜ୍ଞାନିକ ପଦବୀରେ ଆସୀନ ହେଲି ଏବଂ ମୋର ବେତନରେ ମଧ୍ୟ ଅସାଧାରଣ ଅଭିବୃଦ୍ଧି ହୋଇଗଲା ।

ଅତଃ ସେ ନିଜର ତେହ୍‌ରିକେ ଜଦିଦ୍‌ର ଚାନ୍ଦାରେ ମଧ୍ୟ ଅଭିବୃଦ୍ଧି କରିଦେଲେ।

ମରେଶିୟସର ଜନୈକା ମହିଳା ଅଟନ୍ତି । ସେ କୁହନ୍ତି ଯେ, ବିଗତ ବର୍ଷ ପରିବାରବର୍ଗଙ୍କ ଠାରୁ ତେହ୍‌ରିକେ ଜଦିଦ୍ ସଂପର୍କରେ କିଛି ବିଶ୍ୱାସବର୍ଦ୍ଧକ ଘଟଣା ଶୁଣି ସାରିବା ପରେ ମୋ ସ୍ୱାମୀ ମୋତେ କହିଲେ, ଏଭଳି ଚାନ୍ଦା ପୈଠ କରିବା ଉଚିତ ଯାହାକି

ଅପୈଠ ପ୍ରତିତ ହେବା ଉଚିତ । ସୁତରାଂ ସେହି ମହିଳା ଜଣକ ସେତେବେଳେ ୭୫,୦୦୦ ମରେଶିୟନ୍ ଟଙ୍କା ନିଜର ୱାଦା ଲେଖାଇ ଦେଲେ । ପୁନଶ୍ଚ ସେ କୁହନ୍ତି ଯେ, ମୋ ସ୍ୱାମୀ ଏକ ମେଡ଼ିକାଲ କମ୍ପାନୀରେ କାର୍ଯ୍ୟରତ ଅଟନ୍ତି । ବିଗତ ତିନି ବର୍ଷରେ ମୋ ବେତନରେ ଅସାଧାରଣ ଅଭିବୃଦ୍ଧି ହୋଇଥିଲା । କିନ୍ତୁ ସେ ଯେତେବେଳେ ନିଜର ୱାଦା ଲେଖାଇଲେ ସେତେବେଳେ ଏକ ବେସରକାରୀ ହସ୍ପିଟାଲ୍‌ରେ ତାଙ୍କ ସ୍ୱାମୀକୁ ଅଧିକ ବେତନର ଅଫର ମିଳିଲା । ସେହି ଦିନମାନଙ୍କରେ ସେ ନିଜର ମାତାଶ୍ରୀଙ୍କୁ ଏକ ହଜାର ଟଙ୍କା ଉପହାର ସ୍ୱରୂପ ଦେଇଥିଲେ । ତେଣୁ ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯିବାର ଥିଲା । ମୋ ସ୍ୱାମୀଙ୍କୁ ଏହି ଆଭାସ ହୋଇଗଲା ଯେ, ସେ ଯେଉଁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ଏବଂ କହିଲେ ମୋତେ ଚାକିରୀ ତ' ମିଳିଯିବ ଏବଂ ମୁଁ ଯେଉଁ ବେତନର ଆଶା ରଖିଛି ବା ଆଶାବାଦୀ ତାହା ମୋର ପ୍ରତିଶୃତ ଚାନ୍ଦା ଅର୍ଥାତ ୱାଦାର ସମକକ୍ଷ ହୋଇଯିବ ଯେଉଁ ଅର୍ଥକୁ ମୁଁ ବଳିଦାନ ଆକାରରେ ପ୍ରଦାନ କରିଦେବି । ସୁତରାଂ ମୋ ସ୍ୱାମୀଙ୍କ ଇଣ୍ଟରଭ୍ୟୁ ହେଲା ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ମୋ ସ୍ୱାମୀଙ୍କୁ ଚାକାରୀରେ ରଖିନେଲେ ଏବଂ ୭୬ ହଜାର ଟଙ୍କା ବେତନ ପ୍ରଦାନ କରିବାକୁ ଆଶ୍ୱାସନା ଦେଲେ । ମହୋଦାୟା କହନ୍ତି ଯେ, ମୋ ସ୍ୱାମୀ ୭୫ ହଜାର ଟଙ୍କା ପରିଶୋଧ କରିବାକୁ ୱାଦା ଲେଖାଇଥିଲେ ଏବଂ ଏକ ହଜାର ଟଙ୍କା ମୁଁ ମାତାଶ୍ରୀଙ୍କୁ ଦେଇଦେଲି । ଏହି ହିସାବରେ ମୋର ଯେଉଁ ୱାଦା ରହିଥିଲା ଅଲ୍ଲାଃତାଲା ମୋତ ମୂଳଧନ ସହିତ ଫେରସ୍ତ କରିଦେଲେ ।

ବାଂଲାଦେଶର ଜଣେ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଏଠାରେ ଜଣେ ବ୍ୟକ୍ତିକୁ କରୋନା କାଳରେ ବହୁତ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । ତେଣୁ ତାଙ୍କର ଚାନ୍ଦା ପୂରା ବାକି ରହିଗଲା। ତାଙ୍କୁ ଯେତେବେଳେ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୈଠ କରିବା ପ୍ରତି ସ୍ମରଣ କରାଗଲା ସେତେବେଳେ ସେ ନିଜ ପତ୍ନୀଙ୍କ ସଞ୍ଚିତ ଧନରୁ ୧୧,୫୦୦ ଟାକା (ଅର୍ଥାତ ବାଂଲାଦେଶୀୟ ମୁଦ୍ରାକୁ 'ଟାକା' କୁହାଯାଏ ଏବଂ ଓଡ଼ିଆରେ ଟଙ୍କା) ପୈଠ କରିଦେଲେ। କିନ୍ତୁ ଆହୁରି ଅଧା ଟଙ୍କା ତାଙ୍କର ବାକି ରହିଥିଲା । ସେ ଯାହା ହେଉ ନା କାହିଁକି ସେହି ମାସର ଶେଷରେ ତାଙ୍କର ପତ୍ନୀ ଆସି ସୂଚନା ଦେଲେ ଯେ, ଇନ୍ସପେକ୍ଟର୍ ମୌଲବୀ ସାହେବ ! ଆମ ଘରକୁ ଆସି ଅବଶିଷ୍ଟ ଚାନ୍ଦା ନେଇ ଯାଆନ୍ତୁ। ଯେତେବେଳେ ଆମର ଟିମ୍ ସେଠାରେ ପହଞ୍ଚିଲା ସେତେବେଳେ ସେ ନିଜର ପ୍ରତିଶୃତ ଚାନ୍ଦା ଠାରୁ ତିନି ଗୁଣା ଅର୍ଥ ରାଶିର ଚାନ୍ଦା ପୈଠ କରିଦେଲେ ଏବଂ ସେହିପରି ସେ ଲାଜ୍‌ମି ଚାନ୍ଦା (ବାଧ୍ୟତାମୂଳକ ଚାନ୍ଦା) ମଧ୍ୟ ପୈଠ କରିଦେଲେ ଓ ତତ୍‌ସହିତ ଏହି ଶୁଭସମ୍ବାଦ ମଧ୍ୟ ଶୁଣାଇଲେ ଯେ, ଆମର ସମସ୍ତ ଆବଶ୍ୟକତାକୁ ଅଲ୍ଲାଃତାଲା ପୂର୍ଣ୍ଣ କରିଦେଇଛନ୍ତି। ସେ ଅନେକ ଦିନ ଘର ପାଇଁ ଏକ ଜମି ଖୋଜୁଥିଲେ। ଯେତେବେଳେ ସେ ତାଙ୍କୁ ଚାନ୍ଦା ପୈଠ କରିବା ପାଇଁ କହିଲେ ଏବଂ ମହୋଦୟ ଯେତେବେଳେ ଚାନ୍ଦା ପୈଠ କରିବକୁ ଲାଗିଲେ ଓ ଅଲ୍ଲାଃତାଲା ତାଙ୍କର ସମ୍ପତ୍ତି ମଧ୍ୟ ସୃଷ୍ଟି କରିଦେଲେ ।

ବୁର୍କିନାଫାସୋରୁ ଜଣେ ଶିକ୍ଷକ ବନ୍ଧୁ କୁହନ୍ତି ଯେ, ତାଙ୍କୁ ଏକ ଚାରି ଚକିଆ ବାହନ କିଣିବା ପାଇଁ ସାମର୍ଥ୍ୟ ପ୍ରାପ୍ତ ହେଲା । ଅତଃ ଅନ୍ୟ ଶିକ୍ଷକବୃନ୍ଦ କହିଲେ, ମହୋଦୟ ! ଆମେମାନେ ମଧ ଶିକ୍ଷକ ଅଟୁ କାହିଁ ଆମେମାନେ ତ' ଗାଡ଼ି ଓ ଯାନବାହାନ କିଣିପାରୁ ନାହୁଁ ଆଉ ଆପଣ କେମିତି କିଣି ନେଲେ ? ନିଃସନ୍ଦେହ ରୂପେ ଆପଣଙ୍କୁ ଆପଣଙ୍କ ଜମାଅତ୍ ଅବଶ୍ୟ ସାହାଯ୍ୟ କରିଥିବ । ସେ କହିଲେ ମୋତେ ଜମାଅତ୍ ସାହାଯ୍ୟ କରି ନାହିଁ । ଏହା କେବଳ ଅଲ୍ଲାଃତାଲାଙ୍କ ଅପାର କୃପା ଦ୍ୱାରା ହିଁ ସମ୍ଭବପର ହୋଇପାରିଛି। କାରଣ ମୋର ଚାନ୍ଦା ଦେବା ଯୋଗୁଁ ଅଲ୍ଲାଃତାଲା ମୋର ଧନରେ ଅଜସ୍ର କଲ୍ୟାଣ ଓ ପ୍ରାଚୁର୍ଯ୍ୟତା ପ୍ରଦାନ କରିଛନ୍ତି। ମହୋଦୟ କହନ୍ତି ଯେ, ବିଦ୍ୟାର୍ଥୀ ଜୀବନରୁ ହିଁ ମୋତେ ଚାନ୍ଦା ଦେବା ପ୍ରତି ବହୁତ ଆଗ୍ରହ ଓ ଅଭିରୁଚି ରହିଥିଲା ଏବଂ ମୋର ଚାନ୍ଦା ଦେବା ଅଭ୍ୟାସ ରହିଥିଲା । ଅଲ୍ଲାଃତାଲା ସର୍ବଦା ମୋତେ ସମ୍ମାନିତ ତଥା ପୁରସ୍କୃତ କରି ଆସିଛନ୍ତି ।

ଜର୍ମାନୀର ଜମାଅତ୍‌ର ଓସ୍‌ଲୋନ୍ ବର୍ଗ ନାମକ ଜଣେ ବ୍ୟକ୍ତି ଉଲ୍ଲେଖ କରନ୍ତି ଯେ, ତେହ୍‌ରିକେ ଜଦିଦ୍ ସଂପର୍କରେ ଏକ ଜଲ୍‌ସା ଅନୁଷ୍ଠିତ ହୋଇଥିଲା । ସେ କହନ୍ତି ଯେ, ମୁଁ ଅତିରିକ୍ତ ପାଞ୍ଚଶହ ୟୁରୋ ପୈଠ କରିବା ପାଇଁ ଚାନ୍ଦା ଆଣିଥିଲି ତେବେ ମୌଲବୀ ସାହେବ କହିଲେ ଆଜ୍ଞା ରସିଦ୍ ବୁକ୍ ଶେଷ ହୋଇଯାଇଛି । ସୁତରାଂ ସେ କହନ୍ତି ମୁଁ ଚାନ୍ଦା ନଦେଇ ଫେରିଗଲି ଏବଂ ନିଜର ମୂଲିଆମାନଙ୍କୁ ସେମାନଙ୍କର ମଜୁରୀ ଦେବାର ଥିଲା ଯେଉଁମାନେ ମୋର କାମ କରିଥିଲେ । ତେଣୁ ମୁଁ ରାତିରେ ସ୍ୱପ୍ନରେ ଦେଖିଲି ଯେ, ମୌଲବୀ ସାହେବ ମୋତେ ପାଞ୍ଚ ହଜାର ଟଙ୍କା ମାଗୁଛନ୍ତି । ୱଲୋନ୍ ସାହେବ ବୁଝିଗଲେ ଯେ, ଏହି ସ୍ୱପ୍ନର ଅର୍ଥ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଅଟେ । ସୁତାରଂ ମୁଁ ଯେତେବେଳେ ନିଜର ପତ୍ନୀଙ୍କୁ ସ୍ୱପ୍ନ ଶୁଣାଇଲି ସେତେବେଳେ ସେ କହିଲେ ଯେ, ତେହ୍‌ରିକେ ଜଦିଦ୍‌ରେ ସେହି ପାଞ୍ଚ ହଜାର ୟୁରୋ ପୈଠ କରିଦେବେ । ପୁନଶ୍ଚ ସେ କହନ୍ତି ଯେ, କିଛି ସମୟ ପରେ କରୋନା ହେଲ୍‌ପ୍‌ରେ (ଆର୍ଥିକ ସାହାଯ୍ୟ) ମୋ ଆକାଉଣ୍ଟକୁ ୨୨,୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଆସିଗଲା ଯାହା ମୁଁ କଳ୍ପନାରେ ସୁଦ୍ଧା ଭାବି ନଥିଲି ।

କାନାଡ଼ାରୁ ଲଜ୍‌ନାର ଜଣେ ମହିଳା ସଦସ୍ୟା ବର୍ଣ୍ଣନା କରନ୍ତି ଯେ, ଆର୍ଥିକ ସଙ୍କଟ ଯୋଗୁଁ ନିଜର ଚାନ୍ଦା ପୈଠ କରିବାକୁ ମୋତେ ବହୁତ କଷ୍ଟ ମନେ ହେଉଥିଲା ଯେ, ମୁଁ ନିଜର ଚାନ୍ଦା କିପରି ପୈଠ କିରିବ ? ଏଥିପାଇଁ ମୁଁ ବହୁତ ଚିନ୍ତିତି ଥିଲି ଏବଂ ଦୁଆ ମଧ କରୁଥିଲି । ମୋର କିନ୍ତୁ ସୁଉଦ୍ଦେଶ୍ୟ ଥିଲା । ତେଣୁ ପୈଠ କରିଦେବି ବୋଲି କୌଣସି ସଙ୍କେତ ଦୃଶ୍ୟମାନ ହେଉ ନଥିଲା । ତେଣୁ ମୁଁ ବହୁତ ଦୁଆ କଲି। ପୁନଶ୍ଚ ସେ କହନ୍ତି ଯେ, ଦିନେ ରାତ୍ର ସମୟରେ ମୋର ସୁପୁତ୍ରୀ ନିଜର ବାର୍ଥ ସାର୍ଟିଫିକେଟ୍ (ଜନ୍ମ ପ୍ରମାଣପତ୍ର) ଖୋଜୁଥିଲା, ସେହି ଖୋଜାଖୋଜିରେ ହଠାତ୍ ମୋର ଏକ ପୁରୁଣ ପର୍ସ ତା'କୁ ମିଳିଗଲା। ସେ କହନ୍ତି ଯେ, ମୁଁ କିଛିକାଳ ଅର୍ଥାତ ୮ ବର୍ଷ ପୂର୍ବେ ଆମେରିକା ଯାଇଥିଲୁ । ସେଠାରେ ଟଙ୍କା ବଳି ପଡ଼ିବାରୁ ମୁଁ ସେହି ଖର୍ଚ୍ଚ ହୋଇ ନଥିବା ଟଙ୍କା ତକକୁ ରଖିଥିଲି ସେହି ପର୍ସ ଭିତରେ । ସେହି ପର୍ସକୁ ମୁଁ ପୂରାପୂରି ଭୁଲି ଯାଇଥିଲି ଏବଂ ଯେଉଁ ଅର୍ଥ ମୁଁ ପର୍ସରୁ ବାହାର କଲି ତାହା ଠିକ୍ ସେତିକି ରହିଥିଲା ଯାହାକି ମୋର ଚାନ୍ଦା ପୈଠ କରିବାର ଟଙ୍କା ଥିଲା। ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ବେଳେବେଳେ ଏହିପରି ଭାବରେ ମଧ୍ୟ ଆପଣମାନଙ୍କୁ ଓ ଚାନ୍ଦା ପୈଠକାରୀଙ୍କୁ ସାହାଯ୍ୟ କରିଥାନ୍ତି ।

ଗିନି କନାକେରୀର ସଦର୍ (ଜମାଅତ୍‌ର ସଭାପତି) ଉଲ୍ଲେଖ କରନ୍ତି ଯେ, ଜଣେ ଗରିବ ମହିଳା ଅଟନ୍ତି । ସାଧାରଣ ବସ୍ତୁ ବିକ୍ରି

କରି ନିଜର ପେଟ ପାଟଣା କରୁଥିଲେ କରୁଥିଲେ । ତେହ୍‌ରିକେ ଜଦିଦ୍‌ର ଦଶ ଦିବସୀୟ ପାଳନ ଅବସରରେ ଯେତେବେଳେ ତାଙ୍କ ଘରେ ମୌଲବୀ ସାହେବ ପହଞ୍ଚିଲେ ସେତେବେଳେ ସେହି ମହିଳାଙ୍କୁ ମଧ୍ୟ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୈଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଗଲା । ତେବେ ସେ ସ୍ୱୟଂ କହିବାକୁ ଲାଗିଲେ ଯେ, ବର୍ତ୍ତମାନ ଏହି ଛୋଟିଆ ଆୟ ଯୋଗୁଁ ମୁଁ ବହୁତ ଚିନ୍ତିତ ଅଟେ । ଧାର କରଜ କରି ମୁଁ ବ୍ୟବସାୟ ଆରମ୍ଭ କରିଥିଲି। ଆୟ ନ କହିଲେ ଚଳେ । ଧାର ଟଙ୍କା ମଧ୍ୟ ପରିଶୋଧ କରିପାରିବି ନାହିଁ । ତେବେ ସେ ଯାହା ହେଉ ନା କାହିଁକି ମୁଁ (ସଦର ସାହେବ) ବୁଝିଗଲି ଏବଂ ତାଙ୍କୁ ଦୁଆ କରିବା ପାଇଁ ମଧ୍ୟ କହିଲି । ସୁତରାଂ ସେହି ମହିଳା ଜଣକ ନିକଟରେ ୨୦ ହଜାର ଫ୍ରାଙ୍କ୍ ଗିନୀୟ ଅର୍ଥରାଶି ରହିଥିଲା ଯାହାକୁ ସେ ଚାନ୍ଦା ଆକାରରେ ଦେଇଦେଲେ । ସେହି ଦରିଦ୍ର ମହିଳା ଜଣକ ଯେକି ଅଭାବ ଓ ଅନଟନ ଦେଇ ଗତି କରୁଥିଲେ ଏବଂ ଜୀବନ ସହିତ ସଂଘର୍ଷ କରୁଥିଲେ ଏହା ତାଙ୍କ ପାଇଁ ବହୁତ ବଡ଼ ଅର୍ଥରାଶି ରହିଥିଲା। କିଛି ଦିନ ଗଲା ପରେ ଯେତେବେଳେ ଆମର ମିଶ୍‌ନାରୀ ପୁନଃ କୌଣସି କାମରେ ସେହି ମହିଳାଙ୍କୁ ସାକ୍ଷାତ୍ କରିବାକୁ ଯାଇଥିଲେ ସେତେବେଳେ ମହିଳା ଜଣକ ମୌଲବୀ ସାହେବଙ୍କୁ ଦେଖି ଭାବ ବିହ୍ୱଳ ହୋଇ ପଡ଼ିଲେ ଏବଂ ପ୍ରସନ୍ନ ହୋଇ କହିଲେ, ମୌଲବୀ ସାହେବ ! ଅଲ୍ଲାଃତାଲା ମୋର ସମସ୍ତ ସମସ୍ୟାକୁ ଦୂର କରିଦେଇଛନ୍ତି । ମୋର ସାଧାରଣ ବ୍ୟବସାୟରେ ବହୁତ ଅଭିବୃଦ୍ଧି ଓ ଲାଭ ମଧ୍ୟ ହେଉଅଛି । ବର୍ତ୍ତମାନ ମୋର ଧାର ଟଙ୍କା ମୁଁ ଶୁଝି ଯାଇଛି ଏବଂ ଏହି ସମସ୍ତ ଅଭିବୃଦ୍ଧ ପ୍ରଚୁରତା ଆର୍ଥିକ ବଳିଦାନ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି ।

ରଷିୟା ତାତାରିସ୍ତାନରୁ ଫରିଦ୍ ଇବ୍ରାହିମ୍ ସାହେବ ନାମକ ଜଣେ ବନ୍ଧୁ କୁହନ୍ତି ଯେ, ବିଗତ ବର୍ଷ ଗ୍ରୀଷ୍ମ ଋତୁରେ ମୋର ଫୋନ୍ ସହିତ ଏକ ବିଚିତ୍ର ଘଟଣା ଘଟିଲା । ମୋର ବ୍ୟାଙ୍କର ଅନ୍ ଲାଇନ୍ ଆକାଉଣ୍ଟ୍‌ରେ ନିଜର ଯାତ୍ରୀ ଖର୍ଚ୍ଚ ଆଦାୟ କରି ସାରିବା ପରେ ଆର୍ଥିକ ସତର୍କତା ସଂପକର୍ରେ ଉପସ୍ଥିତ ଖଲିଫାଙ୍କ ଖୁତ୍‌ବା ମୋର ସ୍ମାର୍ଟ ଫୋନ୍‌ରେ ଆପେ ଆପେ ଲାଗିଗଲା (ପ୍ଲେ ହୋଇଗଲା)। ସେ କୁହନ୍ତି, ଗୋଟିଏ ଥର ନୁହେଁ ବରଂ ଯେତେବେଳେ ବି ମୋର ବ୍ୟାଙ୍କ ଆକାଉଣ୍ଟ୍‌ରେ କୌଣସ୍ ବଡ଼ ଅର୍ଥରାଶି ଆସୁଥିଲା ସେତେବେଳେ ଏହିପରି କୌଣସି ନା କୌଣସି ଘଟଣା ମୋ ଫୋନ୍ ସହିତ ଘଟୁଥିଲା। ମୁଁ ଭାବି ନେଲି ଯେ, ଅଲ୍ଲାଃତାଲା ନିଜ ଅସ୍ତିତ୍ୱର ପ୍ରମାଣ ଦେଇ ମୋତେ ସ୍ମରଣ କରାଇ ଦେଇଛନ୍ତି। ଏହା ମୋ ପାଇଁ ବହୁତ ବଡ଼ ସମ୍ମାନ ଓ ଗୌରବର ବିଷୟ ଅଟେ। ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ରେ ସାମିଲ୍ ହୋଇ ଆର୍ଥିକ ବଳିଦାନ କରିବାକୁ ସାମର୍ଥ୍ୟ ଲାଭ କରିଅଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଏହିଭଳି ହିଁ ହୋଇଥାଏ ଖୁତ୍‌ବା ଲାଗିଯାଇଥାଏ କିମ୍ବା ମୋର କୌଣସି ସନ୍ଦେଶ ଆସି ଯାଇଥାଏ ଲୋକଙ୍କ ଫୋନ୍‌ରେ। ଫଳତଃ ଲୋକମାନଙ୍କ ମନରେ ଚାନ୍ଦା ଦେବା ପ୍ରତି ଏକ ମନୋବୃତ୍ତି ଓ ଆଗ୍ରହ ଜାଗ୍ରତ ହୋଇଥାଏ ବା ସୃଷ୍ଟି ହୋଇଯାଥାଏ ।

ପୁନଶ୍ଚ ତାନ୍‌ଜାନିୟାର ଜଣେ ନୈଷ୍ଠିକା ମହିଳା କହନ୍ତି ଯେ, ଜଲ୍‌ସା ସାଲାନାରୁ ପ୍ରତ୍ୟାବର୍ତ୍ତନ ପରେ ସେ ନିଜ ମନରେ ଏହି ପ୍ରସଙ୍ଗରେ ଭାବିଲେ ଯେ, ତାଙ୍କର ତେହ୍‌ରିକେ ଜଦିଦ୍‌ର ଚାନ୍ଦା ବାକି ରହିଥିଲା । ପୈଠ କରିବାର କୌଣସି ବାଟ ଦିଶୁ ନଥିଲା। ଜଣେ ବ୍ୟକ୍ତି ତାଙ୍କ ଠାରୁ କିଛି ଧାର ଟଙ୍କା ନେଇଥିଲା । ମହିଳା ଜଣକ ଏହି ଆଶା ରଖି ତାଙ୍କୁ ଟଙ୍କା ଦେଇଥିଲେ ଯେ, ସେହି ବ୍ୟକ୍ତି ତାଙ୍କର ଟଙ୍କା ଫେରସ୍ତ କରିଦେବ ଏବଂ ସେ ନିଜର ଚାନ୍ଦା ପୈଠ କରିଦେବେ । କିନ୍ତୁ ସେ ତାଙ୍କ ଫୋନର୍ କୌଣସି ଉତ୍ତର ଦେଉ ନଥିଲା କି ତାଙ୍କର ଫୋନ୍ ମଧ୍ୟ ଉଠାଉ ନଥିଲା । ସେହି ମହିଳା ଜଣକ ଅସୁସ୍ଥ ଥିଲେ ଏବଂ ଔଷଧ ପତ୍ରର ଖର୍ଚ୍ଚ ମଧ୍ୟ ଦିନକୁଦିନ ବଢି ବଢି ଚାଲିଥିଲା । ସେ ବହୁତ ଚିନ୍ତିତ ଥିଲେ ଯେ, ପିଲାମାନଙ୍କର ସ୍କୁଲ୍ ଫିସ୍ କିପରି ପୈଠ କରିବି । ଅତଃ ନିଜ ପିଲାମାନଙ୍କୁ କହିଲେ ଯେ, ପିଲାମାନେ ! ଦୁଆ କର । ଠିକ୍ ସେହି ସମୟରେ ଅଜାନର ସ୍ୱର ଶୁଭିଲା ତେବେ ପିଲାମାନେ କହିଲେ, ମା ! ଅଜାନ୍ ହେଲାଣି ଚାଲ ନମାଜ ପଢିବାକୁ ଯିବା ଏବଂ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ମାଗିବା । ହୁଜୁର ଅନୱର୍ ଅ.ବ କହିଲେ, ଦେଖ ! ଅଲ୍ଲାଃତାଲା କିପରି ପିଲାମାନଙ୍କର ବିଶ୍ୱାସକୁ ଦୃଢୀଭୂତ କରିଥାଆନ୍ତି । ଅର୍ଥାତ ଏହି ଢଙ୍ଗରେ ଯେ, ପିଲାମାନେ ଦୁଆ କଲେ ଯେ, ହେ ପ୍ରଭୁ ! ଆମ ପାଖରେ କିଛି ପଇସା ପତ୍ର ନାହିଁ । ଆମେ କିପରି ନିଜର ସ୍କୁଲ ଫିସ୍ ଓ ଆମ ମା କିପରି ଚାନ୍ଦା ଦେବେ ? ସମ୍ଭବତଃ ସେହି ବ୍ୟକ୍ତି ହୃଦୟରେ ଅଲ୍ଲାଃତାଲା ଦୟା ଅବତୀର୍ଣ୍ଣ କରି ଦେଇ ପାରନ୍ତି ଏବଂ ସେ ଆମର ପଇସା ପୈଠ କରିଦେଇପାରେ । ସୁତରାଂ ପିତାମାତା ମା ପିଲା ଛୁଆମାନେ ୱଜୁ କରି ନମାଜ୍‌ରେ ଅଲ୍ଲାଃତାଲାଙ୍କ ନିକଟରେ ଏହି ଆକୁଳ ନିବେଦନ କଲେ । ଅଲ୍ଲାଃତାଲା ଏଭଳି କଲେ ଯେ, ନମାଜ ଶେଷ କରିବା ପୂର୍ବରୁ ହିଁ ଫୋନ୍ ରିଙ୍ଗ୍ (ଘଣ୍ଟି ବାଜିଲା) ହେଲା । ଏହି ଫୋନ୍ କଲ୍‌ଟି ସେହି ବ୍ୟକ୍ତିର ଥିଲା ଯିଏ ତାଙ୍କ ଠାରୁ ଧାର ଟଙ୍କା ନେଇଥିଲା । ସେହି ବ୍ୟକ୍ତି ଜଣକ କହିଲା ମୁଁ ଆପଣଙ୍କ ଦୁଆର ଆଗରେ ଛିଡ଼ା ହୋଇଛି ଏବଂ ଆପଣଙ୍କ ଟଙ୍କା ଫେରସ୍ତ କରିବାକୁ ଆସିଛି, ତେଣୁ ଆପଣ ଆସନ୍ତୁ ଏବଂ ନିଜର ପଇସା ନେଇ ଯାଆନ୍ତୁ । ସେହି ବ୍ୟକ୍ତି ଜଣକ କହିଲା ମୁଁ ବସ୍ ଷ୍ଟାଣ୍ଡ୍‌ରେ ଛିଡ଼ା ହୋଇ ୱେଗାନ୍‌ର ଅପେକ୍ଷା କରୁଥିଲି କି ହଠାତ୍ ଅଜାନ ସ୍ୱର ଶୁଭିଲା ଏବଂ ମୋତେ ଏପରି ପ୍ରତିତ ହେଲା ଯେପରି କୌଣସି ସ୍ୱର ବା ଶବ୍ଦ ମୋତେ କହୁଅଛି ଯେ, ଆଗ ଧାର ଟଙ୍କା ଫେରସ୍ତ କର । ସୁତରାଂ ମୁଁ ସେହି ବ୍ୟକ୍ତିର ଟଙ୍କା ଫେରସ୍ତ କରିବାକୁ ବାହାରି ପଡ଼ିଲି । ହୁଜୁର ଅନ୍‌ୱର୍ ଅ.ବ କହିଲେ ମହିଳା ଜଣକ ଏବଂ ପିଲାମାନଙ୍କ ଏହି ସମସ୍ତ ବୃତ୍ତାନ୍ତ ଶୁଣି ଭାବ ଗଦଗଦ ହୋଇ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କରିବାକୁ ଇଚ୍ଛା ହୁଏ । ମହିଳା ଜଣକ କହିଲେ, ମୋର ସନ୍ତାନମାନେ କହିଲେ, ଦେଖିଲ ମା ! ଆମେମାନେ ନମାଜ ପଢିଲୁ ଆମକୁ କିପରି ପଇସା ମିଳିଗଲା ? ହୁଜୁର ଅନୱର୍ ଅ.ବ କହିଲେ, ସେହି ମହିଳା ଓ ତା'ର ପିଲିମାନେ କିପରି ନିଜର ଆବଶ୍ୟକତାକୁ ପୂରଣ କଲେ ?

ସେଣ୍ଟ୍ ପିଟର୍ସବର୍ଗର ଏକ୍ରାମ୍ ଜାନ୍ ସାହେବ ନାମକ ଜଣେ ସଜ୍ଜନ ବ୍ୟକ୍ତି କୁହନ୍ତି ଯେ, ମୁଁ ସର୍ବଦା ନିଜର ଆର୍ଥିକ ସମୃଦ୍ଧି ସକାଶେ ଦୁଆ କରିଥାଏ । କାରଣ ଅଭାବି ଲୋକମାନଙ୍କର ସାହାଯ୍ୟ କରିବାକୁ ଯେପରି ସକ୍ଷମ ହୋଇପାରିବି ଏବଂ ବିଶେଷ କରି ନିଜର ଚାନ୍ଦାଗୁଡ଼ିକୁ ଯଥା ସମୟରେ ପୈଠ କରିପାରିବି ଏବଂ ଏହା ଅତ୍ୟନ୍ତ ବିଚିତ୍ର ରୂପେ ଦୃଶ୍ୟମାନ ବା ଉଭା ହୋଇଥାଏ । ସେ କୁହନ୍ତି ଗତ ଥର ମୋ ନିକଟରେ ତିନି ହଜାର ରୁବେଲ୍‌ସ୍ କମ୍ ଥିଲା ଆଉ ଚାନ୍ଦା ପୈଠ କରିବାର ଶେଷ ଦିନ ଥିଲା । କାର୍ଯ୍ୟ ସମୟରେ ମୋ

ନିକଟକୁ ସହସା ଦୁଇଜଣ ବ୍ୟକ୍ତି ଆସିଲେ ଯାହାଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୋତେ ଏକ ହଜାର ଏବଂ ଆଉ ଜଣେ ବ୍ୟକ୍ତି ଦୁଇ ହଜାର ରୁବେଲସ୍ ଦେଲେ ଏବଂ ମୋ ସହିତ ଏଭଳି ଘଟଣା କେବେବି ଘଟି ନାହିଁ । କାରଣ ମୁଁ କାମ କରିବା ପରେ ମୋତେ ୩୦୦ରୁ ୫୦୦ ରୁବେଲସ୍ ମିଳିଥିଲା । ବର୍ତ୍ତମାନ ମୁଁ ନିଜର ଅତିରିକ୍ତ ଆୟ ଅଲ୍ଲାହତାଲାଙ୍କ ମାର୍ଗରେ ପ୍ରଦାନ କରିଦେଉଛି ।

ହୁଜୁର ଅନୱର୍ ଅ.ବ କହିଲେ ଏହି ବିଶ୍ୱାସବର୍ଦ୍ଧକ ଘଟଣାବଳୀଗୁଡ଼ିକ ରହିଛି ଯାହାକୁ ମୁଁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛି ଯେ, ଅଲ୍ଲାହତାଲା ସେମାନଙ୍କୁ ଆର୍ଥିକ ବଳିଦାନ କରିବା ଫଳରେ କିପରି ପୁରସ୍କୃତ କଲେ ଯେଉଁମାନେ ବିଶେଷ ରୂପେ ଆର୍ଥିକ ବଳିଦାନ କରିଥାଆନ୍ତି । ବର୍ତ୍ତମାନ ତେହ୍‌ରିକେ ଜଦିଦ୍‌ର ନୂତନ ବର୍ଷର ଘୋଷଣା ମଧ୍ୟ କରି ଦେଉଛି । ଚଳିତ ବର୍ଷ ଅକ୍ଟୋବର ମାସ ୩୧ ତାରିଖ ଦିନ ତେହ୍‌ରିକେ ଜଦିଦ୍‌ର ୮୮ତମ ବର୍ଷର ପରିସମାପ୍ତି ଘଟିଛି ଏବଂ ୮୯ତମ ବର୍ଷ ନଭେମ୍ବର ମାସ ୧ ତାରିଖ ଠାରୁ ପ୍ରାରମ୍ଭ ହୋଇଯାଇଛି । ଚଳିତ ବର୍ଷ ଏହି ଆର୍ଥିକ ବ୍ୟବସ୍ଥାରେ ୧୬.୪ ମିଲିୟନ୍ ପାଉଣ୍ଡ୍ ଆର୍ଥିକ ବଳିଦାନ ଦେବାକୁ ଜମାଅତ୍‌କୁ ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଆର୍ଥିକ କ୍ଷେତ୍ରରେ ପୃଥିବୀର ଦ୍ରୁତ ଗତିରେ ଦେଖାଦେଇଥିବା ଦୂରାବସ୍ଥା ଓ ପରିବର୍ତ୍ତନ ସତ୍ତ୍ୱେ ଏହି ଆଦାୟ ଗତ ବର୍ଷ ତୁଳନାରେ ଅଲ୍ଲାହତାଲାଙ୍କ କୃପାରୁ ୧.୧ ମିଲିୟନ୍ ପାଉଣ୍ଡ୍ ଅତିରିକ୍ତ ଆଦାୟ ହୋଇଛି ।

ଚଳିତ ବର୍ଷ ମଧ୍ୟ ଜମାଅତ୍ ଅହେମଦିୟା ଜର୍ମାନୀ ପୃଥିବୀ ବ୍ୟାପୀ ଜମାଅତ୍‌ମାନଙ୍କ ତୁଳନାରେ ସର୍ବପ୍ରଥମ ସ୍ଥାନ ଅଧିକାର କରିଛି । ଅଲ୍ଲାହତାଲାଙ୍କ କୃପାରୁ ପାକିସ୍ତାନ ମଧ୍ୟ ଖୁବ୍ ବଳିଦାନ କରିଛି । କିନ୍ତୁ ସେଠାକାର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଡ଼ଲାର ତୁଳନାରେ ସେମାନଙ୍କର ସ୍ଥାନୀୟ ମୁଦ୍ରାର ମୂଲ୍ୟ ବହୁତ ତଳକୁ ଖସି ଆସିବା ଫଳରେ ସେମାନେ ପଛେଇ ଯାଇଛନ୍ତି । ଅନ୍ୟଥା ବଳିଦାନ କ୍ଷେତ୍ରରେ ସେମାନଙ୍କର ପାଦ ଆଗକୁ ହିଁ ଅଗ୍ରସର ହୋଇଛି । କହିବାକୁ ଗଲେ ଜର୍ମାନୀ ଆଗରେ ରହିଛି ସତ' କିନ୍ତୁ ନିଜର ସ୍ଥାନୀୟ ମୁଦ୍ରାର ମୂଲ୍ୟ ଦୃଷ୍ଟିରୁ ସେମାନଙ୍କ ମଧ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି । ବ୍ରିଟେନ୍ ଓ ଆମେରିକାରେ ଯେଉଁଭଳି ଭାବରେ ଅଭିବୃଦ୍ଧି ହେଉଛି ଯଦି ଏହିଭଳି ଭାବରେ ସେମାନେ ଅଗ୍ରସର ହୁଅନ୍ତି ତେବେ ଜର୍ମାନୀ ଠାରୁ ମଧ୍ୟ ଆଗକୁ ଟପିଯିବେ । ସେହିପରି କାନାଡ଼ା, ଅଷ୍ଟ୍ରେଲିୟା, ଭାରତ ଏବଂ ଘାନାର ଜମାଅତ୍‌ମାନଙ୍କ ଚାନ୍ଦାରେ ମଧ୍ୟ ଆଶାତିତ ଅଭିବୃଦ୍ଧି ଦେଖିବାକୁ ମିଳିଛି ।

କାର୍ଯ୍ୟସମ୍ପାଦନ ଦୃଷ୍ଟିରୁ ଅନ୍ୟ ଚର୍ଚ୍ଚାଯୋଗ୍ୟ ଜମାଅତ୍‌ମାନଙ୍କରେ ହଲାଣ୍ଡ, ଫ୍ରାନ୍‌ସ, ସ୍ୱିଡ଼େନ୍, ଜର୍ଜିୟା, ନରୱେ, ବେଲଜିୟମ୍, ବର୍ମା, ମାଲେସିଆ, ନ୍ୟୁଜିଲାଣ୍ଡ, ବାଂଲାଦେଶ, କ୍ରେବାତି, କାଜାକିସ୍ତାନ, ତତ୍ତାରିସ୍ତାନ, ଫିଲିପାଇନ୍ ଏବଂ ପୁନଶ୍ଚ ମଧ୍ୟପୂର୍ବ ଦେଶର ଏକ ଜମାଅତ୍ ଅନ୍ତର୍ଭୁକ୍ତ ରହିଛି ।

ଆଫ୍ରିକା ମହାଦେଶରେ ସାମଗ୍ରିକ ଆଦାୟ ଦୃଷ୍ଟିରୁ ପ୍ରମୁଖ ସ୍ଥାନ ଅଧିକାର କରିଥିବା ଜମାଅତ୍‌ଗୁଡ଼ିକ ହେଲେ- ଘାନା, ମରେଶିୟସ୍, ନାଇଜେରିଆ, ବୁର୍କିନାଫାସୋ, ତାନ୍‌ଜାନିୟା, ଗ୍ୟାମ୍ବିୟା, ଲାଇବେରିୟା, ୟୁଗାଣ୍ଡା, ସେରାଲିଓନ୍, ବେନିନ୍ ଇତ୍ୟାଦି ।

ଏକକ ଆଦାୟ ଦୃଷ୍ଟିରୁ ପ୍ରମୁଖ ସ୍ଥାନ ଅଧିକାର କରିଥିବା ରାଷ୍ଟ୍ରଗୁଡ଼ିକ ହେଲେ ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆ । ଅଂଶଗ୍ରହଣକାରୀଙ୍କ ମୋଟ୍ ସଂଖ୍ୟା ଅଲ୍ଲାହତାଲାଙ୍କ କୃପାରୁ ୧୫ ଲକ୍ଷ ୯୪ ହଜାର ରହିଛି । ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅଭିବୃଦ୍ଧି କରିବା ଦୃଷ୍ଟିରୁ ଆଫ୍ରିକାର ପ୍ରମୁଖ ଦେଶଗୁଡ଼ିକ ହେଲେ; ନାଇଜେରିୟା, ଗିନି ବସାଓ, କଙ୍ଗୋ, ବ୍ରାଜିଲ୍, ଗିନି କନାକେରୀ, ତାଞ୍ଜାନିୟା, କଙ୍ଗୋ କିନଶାଶା, ଗ୍ୟାମ୍ବିୟା, କ୍ୟାମରୁନ୍, ଆଇଭରୀକୋଷ୍ଟ, ସେନିଗଲ୍ ଓ ବୁର୍କିନାଫାସୋ ଇତ୍ୟାଦି । ଦଫ୍‌ତର୍ ଅୱଲ୍‌ର ଖାତାଗୁଡ଼ିକ ଅଲ୍ଲାହତାଲାଙ୍କ କୃପାରୁ ଜାରି ରହିଛି ।

ଜର୍ମାନୀର ପ୍ରଥମ ଦଶଟି ଜମାଅତ୍‌ଗୁଡ଼ିକ ହେଲେ: ରୋଏଡ଼ମାର୍କ (Rdermark), ରୋଡ୍‌ଗଅ (Rodgau), ମେହ୍‌ଦୀୟା ବାଦ୍ (Mehdi-Abad), ନେଡ଼ା (Nidda), କୋଲୋନ୍ (Kolon), ଫ୍ଲୋରିଶ୍ ହାମ୍ (Flrsheim), ନୋଏସ୍ (Neuss), ପିନବର୍ଗ (Pinneberg), ଓସନାବ୍ରୋକ୍ (Osnabrck), ଫ୍ରେଡ୍‌ବର୍ଗ ।

ଲୋକାଲ୍ (ସ୍ଥାନୀୟ) ପ୍ରଦେଶଗୁଡ଼ିକ ହେଲେ;- ହ୍ୟାମ୍ବର୍ଗ (Hamburg), ଫ୍ରାଙ୍କ୍‌ଫର୍ଟ୍ (Frankfurt), ଗ୍ରସ୍ ଗେରା (Gross-Gerau), ୱିଜ୍‌ବାଦିନ୍ (Wiesbaden), ଡଟ୍‌ସନ୍ ବାଖ୍ (Dietenbanch), ରେଡ୍ ଶଟର୍ଡ୍ (Redstadt), ମୋରଫିଲଡ଼ନ୍ (Mrfelden), ରୋସେଲ୍‌ଜ୍ ହାମ୍(Rsselsheim), ଡ୍ୟାମଷ୍ଟର୍ଡ୍ (Darmstadt), ମନ୍ ହାଏମ୍ (Mannheim) ।

ପାକିସ୍ତାନରେ ସାମଗ୍ରିକ ଆଦାୟ ଦୃଷ୍ଟିରୁ ଲାହୋର୍ ସର୍ବପ୍ରଥମ ରହିଛି । ପୁନଶ୍ଚ ଏହାପରେ ରବ୍‌ୱା ଏବଂ ପୁନଶ୍ଚ ଏହାପରେ କରାଚୀ । ପ୍ରାଦେଶିକ ସ୍ତରରେ ଯେଉଁ ଦଶଟି ଜିଲ୍ଲା ରହିଛି ତନ୍ମଧ୍ୟରେ ସିୟାଲକୋଟ୍ ପ୍ରଥମ ସ୍ଥାନରେ ରହିଛି, ପୁନଶ୍ଚ ଇସ୍‌ଲାମାବାଦ୍, ପୁନଶ୍ଚ, ଗୁଜ୍‌ରାନାୱାଲା, ଗୁଜୁରାଟ୍, ଉମରକୋଟ୍. ହାଇଦ୍ରାବାଦ୍, ମୀରପୁର୍ ଖାସ୍, ସର୍ଗୋଧା, କ୍ୱେଟା, ଲୋଧ୍ରା ।

ଉମର୍ କୋଟ୍ ଓ ମୀରପୁର୍ ଖାସ୍ ଏଭଳି ଅଞ୍ଚଳ ଅଟନ୍ତି ଯେଉଁଠି ବିଗତ ଦିନ ବର୍ଷା ଯୋଗୁଁ ବନ୍ୟା ବ୍ୟପ୍ରାତ ଦେଖା ଦେଇଥିଲା । ଏହି ଦୃଷ୍ଟିରୁ ଦେଖିଲେ ସେହି ଅଞ୍ଚଳର ଲୋକମାନଙ୍କର ବଳିଦାନ ସବୁଠୁ ବଡ଼ ବଳିଦାନ ଅଟେ ।

ଆଦାୟ ଦୃଷ୍ଟିରୁ ଅଧିକ ବଳିଦାନକାରୀ ଜମାଅତ୍ ହେଉଛି ପାକିସ୍ତାନ୍‌ର ସହରୀ ଜମାଅତ୍‌ମାନେ । ଏମିରାଟ୍ ଟାଉନ୍ ଶିପ୍ ଲାହୋର, ଏମିରାଟ୍ (ପ୍ରଦେଶ) ଦାରୁଜ୍ ଜିକର୍ ଲାହୋର, ଏମିରାଟ୍ ମଡ଼େଲ ଟାଉନ୍ ଲାହୋର, ଏମିରାଟ୍ ମୋଗଲ ପୁରା ଲାହୋର୍ । ଏମିରାଟ୍ ଅଲ୍ଲାମା ଇକ୍‌ବାଲ୍ ଟାଉନ୍ ଲାହୋର୍ । ଏମିରାଟ୍ ବୈତୁଲ୍ ଫଜଲ୍ ଫୈସ୍‌ଲାବାଦ୍, ଏମିରାଟ୍ ଅଜିଜାବାଦ୍ କରାଚୀ, ଏମିରାଟ୍ ଦିଲ୍ଲୀ ଗେଟ୍ ଲାହୋର୍, ଏମିରାଟ୍ କରୀମ୍ ନଗର, ଫୈସ୍‌ଲାବାଦ୍, ପୁନଶ୍ଚ କରାଚୀ ଏବଂ ସର୍ବଶେଷ ଏମିରାଟ୍ ହେଲା ସଦର କରାଚୀ ।

ବ୍ରିଟେନ୍‌ର ପାଞ୍ଚଟି ଅଞ୍ଚଳ ହେଲେ;- ବୈତୁଲ୍ ଫୁତୁହ୍ ପ୍ରଥମ, ଦ୍ୱିତୀୟରେ, ଇସ୍‌ଲାମାବାଦ୍, ତୃତୀୟରେ ମସ୍‌ଜିଦ୍ ଫଜଲ୍ ଲଣ୍ଡନ, ଚତୁର୍ଥରେ ମିଡ଼୍‌ଲ୍ୟାଣ୍ଡ, ପଞ୍ଚମରେ ବୈତୁଲ୍ ଏହ୍‌ସାନ୍ । ସାମଗ୍ରିକ ଆଦାୟ ଦୃଷ୍ଟିରୁ ବ୍ରିଟେନ୍‌ର ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ । ପ୍ରଥମ- ଫାର୍ନହ୍ୟାମ୍ (Farnham), ସାଉଥ୍ ଚେମ୍

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol.9 Thursday 1 JUN 12023 Issue No. 22

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

(South Cheam), ଇସ୍‌ଲାମାବାଦ୍, ପୁନଶ୍ଚ ୱେଷ୍ଟରପାର୍କ (Worcester Park), ପୁନଶ୍ଚ ସାଉଥ ୱାଲ୍‌ସାଲ୍ (South Walsall), ଜିଲିନ୍‌ଗମ(Gillingham), ମସ୍‌ଜିଦ୍ ଫଜଲ୍, ଅଲ୍‌ଡ଼ରଶର୍ଟ (AlderShot), ପଟ୍‌ନୀ ଇତ୍ୟାଦି ।

ସାମଗ୍ରିକ ଆଦାୟ ଦୃଷ୍ଟିରୁ ଦଶଟି ଛୋଟ ଜମାଅତ୍‌ମାନେ ହେଲେ;- ୧-ମ୍ୟାରୀଲ୍ୟାଣ୍ଡ (Maryland), ଲସ୍ (Los Angeles) ଏଞ୍ଜେଲସ୍, ନର୍ଥ ଭର୍ଜିନିଆ (north Virginia), ଡ଼ାଏଟ୍ରଏଟ୍ (Detroit), ସିଲିକନ୍ ଭ୍ୟାଲୀ (Silicon Valley), ଶିକାଗୋ (Chicago), ସିୟାଟେଲ୍ (Seattel)। ଓଶ୍‌କୋଷ୍ (Oshkosh), ସାଉଥ୍ ଭର୍ଜିନିଆ (Soutg Virginia), ଆଟ୍‌ଲାଣ୍ଟା (Atlanta), ଜର୍ଜିୟା (Georgia), ନର୍ଥ ଜର୍ସି (North Jerssy), ୟର୍କ (York)।

ସାମଗ୍ରିକ ଆଦାୟା ଦୃଷ୍ଟିରୁ କାନାଡ଼ାର ମୋଟ୍ ପ୍ରଦେଶଗୁଡ଼ିକ ହେଲେ; ୱନ୍ (Vaughan), ପିସ୍ ଭିଲେଜ୍ (Peace Village), କ୍ୟାଲ୍‌ଗେରୀ (Calgary), ୱେଙ୍କ୍ ଓଭର୍ (Vancouver), ଟୋରେଣ୍ଟୋ (Toronto) ।

ଭାରତର ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ, କୋୟମ୍ବଟୁର୍, ତାମିଲ୍‌ନାଡୁ, କାଦିୟାନ୍, ହାଇଦ୍ରାବାଦ୍, କ୍ୟାରୁଲାଇ, ପିଥା ପେରେମ୍, କାଲିକଟ୍, ମେଲାପାଲମ୍, କଲିକତା ଏବଂ କେରଙ୍ଗ। ବଳିଦାନ ଦୃଷ୍ଟିରୁ ଭାରତର ପ୍ରଦେଶମାନଙ୍କ ମଧ୍ୟରେ ପ୍ରଥମ ଦଶଟି ପ୍ରଦେଶ ହେଲେ, କେରଳ, ତାମିଲନାଡ଼ୁ, କର୍ଣ୍ଣାଟକ, ଜାମ୍ମୁ କାଶ୍ମୀର, ତେଲେଙ୍ଗାନା, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ମହାରାଷ୍ଟ୍ର ।

ଅଷ୍ଟ୍ରେଲିୟାର ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ;- କାସିଲ୍ ହିଲ୍ (Castle hill), ମେଲ୍‌ବର୍ଣ୍ଣ ଲଙ୍ଗ୍ ୱାର୍ଣ୍ଣ (Melbourne Long Warren), ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), ମାର୍ସଡ଼େନ୍ ପାର୍କ (Marsden Park), ପେନ୍‌ରିଥ୍ (Penrith), ପେରାମାଟା (Paramatta), ଏଡ଼ିଲେଡ଼ ୱେଷ୍ଟ (Adelaide West), ଏସିଟି କ୍ୟାନ୍‌ବେରା (ACT Canberra), ବ୍ରିସ୍‌ବେନ୍ ଲୋଗାନ୍ ଇଷ୍ଟ (Brisbane Logan East).

ହୁଜୁର ଅନଓ୍ୱର୍ ଅ.ବ ସମସ୍ତ ବଳିଦାନକାରୀଙ୍କ ପାଇଁ ଦୁଆ କଲେ ଏବଂ ଅଲ୍ଲାଃତାଲା ସମସ୍ତ ବଳିଦାନକାରୀଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ।

ଖୁତ୍‌ବା ଶେଷରେ ଏକ ୱେବ୍‌ସାଇଟ୍‌ର ଶୁଭୋଦ୍‌ଘାଟନର ଘୋଷଣା କରି ହୁଜୁର ଅନଓ୍ୱର୍ ଅ.ବ କହିଲେ, ୟୁ.କେର ଜମାଅତ୍ ବ୍ରିଟେନ୍‌ର ତାରିଖେ ଅହେମଦିୟତ୍ (ଅହେଦେମଦିୟା ଜମାଅତ୍‌ର ଇତିହାସ)କୁ କେନ୍ଦ୍ର କରି ଏକ ୱେବ୍‌ସାଇଟ୍ ପ୍ରାରମ୍ଭ କରିଛି । ଉକ୍ତ ୱେବ୍‌ସାଇଟ୍‌ରେ ହ. ମସିହ୍ ମଉଦ୍ ଅ.ସଙ୍କ ପାଶ୍ଚାତ୍ୟ ଦେଶରେ ପ୍ରଚାର ସମ୍ପାଦନ କାର୍ଯ୍ୟ ଲାଗି ଯେଉଁ ଅବଦାନ ରହିଥିଲା ତାହାର ଏକ ଗବେଷଣାତ୍ମକ ନିବନ୍ଧକୁ ପ୍ରକାଶିତ କରାଯାଇଛି । ୟୁ.କେରେ ଜମାଅତ୍ ଅହେମଦିୟାର ପ୍ରାରମ୍ଭ ୧୯୧୩ ମସିହାରେ ହେବାର ବୁଝାଯାଏ । ଅର୍ଥାତ ଯେତେବେଳେ ଚୌଧୁରୀ ଫତେହ୍ ମୁହମ୍ମଦ ସିୟାଲ୍ ସାହେବ ର.ଅ ଏଠାକୁ ଆସିଥିଲେ । ଅପର ପକ୍ଷେ ବ୍ରିଟେନ୍ ଓ ୟୁରୋପର ଅନ୍ୟାନ୍ୟ ଦେଶମାନଙ୍କରେ ହ. ମସିହ୍ ମଉଦ୍ ଅ.ସଙ୍କ ବାର୍ତ୍ତା ଆପଣ ଅ.ସଙ୍କ ଧର୍ମ ପ୍ରବର୍ତ୍ତକ ଦାବି ସହିତ ପହଞ୍ଚି ଯାଇଥିଲା। ହ. ମସିହ୍ ମଉଦ୍ ଅ.ସ ଇତ୍‌ମାମେ ହୁଜତ୍ (ଚୂଡ଼ାନ୍ତ ଦଲିଲ୍ ସାବ୍ୟସ୍ତ) ସକାଶେ ଏକ ପତ୍ର ଏବଂ ୮୦୦୦ ସଂଖ୍ୟକ ଇଂରାଜୀ ପତ୍ରିକା ଛପାଇ ଭାରତ ଓ ଇଂଲଣ୍ଡରେ ଉପସ୍ଥିତ ସମ୍ମାନିତ ଗଣାମାନ୍ୟ ପାଦ୍ରୀ ସାହେବ, ବିଭିନ୍ନ ସୋସାଇଟି ଏବଂ ଧାର୍ମିକ ନେତାମାନଙ୍କ ନିକଟକୁ ଯେଉଁ ଯେଉଁଠି ସେ ସମୟରେ ସନ୍ଦେଶ ପହଞ୍ଚିବା ସମ୍ଭବପର ଥିଲା, ସେଠାକୁ ପ୍ରେରଣ କରିଥିଲେ। ଏହାର ଏକ ଦୃଷ୍ଟାନ୍ତ ୟୁ.କେରେ ଚାର୍ଲଜ୍ ବ୍ରେଡ଼୍‌ଲି ନାମକ ଏକ ରାଜନୀତିଜ୍ଞ ଯେକି ନାସ୍ତିକବାଦୀ ଥିଲା ତାହାକୁ ହ. ମସିହ୍ ମଉଦ୍ ଅ.ସଙ୍କ ନିମନ୍ତ୍ରଣ ୧୮୮୫ ମସିହାରେ ପ୍ରାପ୍ତ ହୋଇଥିଲା । ଉକ୍ତ ଘଟଣାର ଚର୍ଚ୍ଚା ସେଠାକାର ଏକ ସମ୍ବାଦପତ୍ର ଯାହାର ନାମ କୋର୍କୋନ୍‌ସିଟି ଟ୍ରୁସନ୍ ଥିଲା ସେ ନିଜର ପ୍ରକାଶନ ସଂଖ୍ୟା ଜୁନ୍ ମାସ ୮ ତାରିଖ ୧୮୮୫ ମସିହାରେ ପ୍ରକାଶିତ କରିଥିଲା। ସେହପରି **'ଦି ଥିଓସୋଫିଷ୍ଟ'** ସୋସାଇଟିର ସଂସ୍ଥାପକ ହେନ୍‌ରୀ ଆଲ୍‌କଟ୍‌ଙ୍କୁ ମଧ୍ୟ ଏହି ନିମନ୍ତ୍ରଣ ୧୮୮୬ ମସିହାରେ ପ୍ରାପ୍ତ ହୋଇଥିଲା । ଏହାର ଚର୍ଚ୍ଚା ସେ ନିଜର ଏକ ସମ୍ବାଦପତ୍ର **'ଦି ଥିଓସୋଫିଷ୍ଟ'**ର ପ୍ରକାଶନ ସଂସ୍କରଣ ସେପ୍ଟେମ୍ବର ମାସ ୧୮୮୬ ମସିହାରେ ପ୍ରକାଶିତ କରିଥିଲା ।

ଉକ୍ତ ୱେବ୍‌ସାଇଟ୍‌ରେ ହ. ମସିହ୍ ମଉଦ ଅ.ସଙ୍କ ପବିତ୍ର ଯୁଗର ଏକ ଟାଇମ୍ ଲାଇନ୍ ପ୍ରସ୍ତୁତ କରାଯାଇଛି । ଏହାକୁ କେନ୍ଦ୍ର କରି ପାଶ୍ଚାତ୍ୟ ଦେଶରେ ସତ୍ୟ ସନ୍ଦେଶ ଉପରେ ଆଧାରିତ ବାସ୍ତବତାକୁ ବର୍ଣ୍ଣନା କରାଯାଇଛି । ସେହିପରି ଜୁନିୟର ମିଶ୍‌ନାରୀ ନାମକ ଆଉ ଏକ ଟାଇମ୍ ଲାଇନ୍ ପ୍ରସ୍ତୁତ କରାଯାଇଅଛି ଯହିଁରେ ପ୍ରାରମ୍ଭିକ ପର୍ଯ୍ୟାୟର ମୁବଲ୍ଲିଗ୍ ସିଲ୍‌ସିଲା ଓ ସାହାବା ହ. ଅକ୍‌ଦସ୍ ମସିହ୍ ମଉଦ୍ ଅ.ସ ଆଦି ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି, ସେମାନଙ୍କର ପରିଚୟ ଏବଂ ୟୁ.କେରେ ସେହି ମୁବଲ୍ଲିଗିନ୍‌ମାନଙ୍କର ଅସାଧାରଣ ସେବା ଓ ବଳିଦାନର ଚର୍ଚ୍ଚା ମଧ୍ୟ କରାଯାଇଛି । ସେହିପରି ହ. ମସିହ୍ ମଉଦ ଅ.ସଙ୍କ ପାଦ୍‌ରୀ ପିଗଟ୍ ସଂପର୍କରେ ଯେଉଁ ଭବିଷ୍ୟତବାଣୀ ରହିଥିଲା ତାହାର ସବିଶେଷ ଗବେଷଣାତ୍ମକ ପ୍ରାମାଣ୍ୟ ସହିତ ପ୍ରକାଶ କରାଯାଇଛି । ଏହିପରି ଭାବରେ ଇତିହାସ ଉପରେ ଆଧାରିତ ଅତିରିକ୍ତ ଗବେଷଣାତ୍ମକ ପ୍ରବନ୍ଧଗୁଡ଼ିକ ମଧ୍ୟ ପ୍ରକାଶ କରାଯାଇଛି ଯାହାକି ଯୁବପିଢ଼ୀଙ୍କ ଉପରେ ଏହି କଥାକୁ ସ୍ପଷ୍ଟ କରିବ ଯେ, ସେମନଙ୍କର ଓ ସେମାନଙ୍କ ପୂର୍ବଜମାନଙ୍କର ସେହି ଦେଶମାନଙ୍କରେ ଆଗମନର ପ୍ରକୃତ ଅଭିପ୍ରାୟ କ'ଣ ରହିଥିଲା? ଅତଃ ଏହି ୱେବ୍‌ସାଇଟ୍‌ର ଠିକଣା ହେଲା- **History. ahmadiyya.uk** । ଉଭୟ ୱେବ୍‌ସାଇଟ୍ ଆଜିଠାରୁ କାର୍ଯ୍ୟକ୍ଷମ ହେବ । ଦେଖିବାକୁ ଗଲେ ଏହି ୱେବ୍‌ସାଇଟ୍ ଦ୍ୱୟ ବର୍ତ୍ତମାନ ସକ୍ରିୟ ରହିଛି । କିନ୍ତୁ ଏହାର ପାରମ୍ପାରିକ ଶୁଭୋଦ୍‌ଘାଟନ କର୍ମକର୍ତ୍ତାବୃନ୍ଦ ମୋ ହସ୍ତରେ କରାଇବାକୁ ଚାହୁଁଛନ୍ତି । ଅଲ୍ଲାଃତାଲା କରନ୍ତୁ କି ଏହି ୱେବ୍‌ସାଇଟ ଦ୍ୱୟ ପର ଆପଣା ସଭିଙ୍କ ପାଇଁ ଲାଭଜନକ ସାବ୍ୟସ୍ତ ହେଉ । **ଆମିନ୍** । ☆ ☆ ☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan